## ସଂକ୍ଷେପରେ

### ପୁଅ ଜନ୍ମଦିନରେ ଶିଶୁଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଲେ ବାପା

ପଦ୍ମପୁର, ୬।୧୦ (ପ୍ରଶାନ୍ତ କୁମାର କର)

ନିଆରା ଢଙ୍ଗରେ ପୁଅର ଜନ୍ମଦିନ ପାଳିଲେ ବାପା। ଜଣେ କୁନି ଝିଅକୁ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି ରାୟଗଡା ଜିଲା ପଦ୍ମପୁର ଅଞ୍ଚଳର କିଶୋର ରାଓ। ଚନ୍ଦ୍ରପୁର ବ୍ଲକ୍ ବିଜାପୁର ଗ୍ରାମର ଜଣେ ୩ ବର୍ଷର ଝିଅ ଅମ୍ରିତା ଗୁରୁତର ଅବସ୍ଥାରେ ଗୁଣପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଝିଅକୁ (A+) ରକ୍ତ ଦରକାର ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ପଦ୍ମପୁର ସୋସିଆଲ ଗ୍ରୁପ୍ ବିପଦର ବନ୍ଧୁରେ ମେସେଜ ଭାଇରାଲ ହୋଇଥିଲା। ପଦ୍ମପୁର ବିପଦର ବନ୍ଧୁ ସଦସ୍ୟ ସୁଶାନ୍ତ ସାହୁ ଏ ସମ୍ପର୍କରେ କିଶୋରଙ୍କୁ ଜଣାଇଥିଲେ। କିଶୋରଙ୍କ ପୁଅ ମହେଶର ୩ୟ ଜନ୍ମବାର୍ଷିକୀ ଉତ୍ସବ ଥିବାରୁ ସେ ଗୁଣପୁର ମେଡିକାଲ ଯାଇ କୁନି ଝିଅକୁ ରକ୍ତଦାନ କରିଥିଲେ। ଏପରି ନିଆରା ଢଙ୍ଗରେ ସେ ନିଜ ପୁଅର ଜନ୍ମ ଉତ୍ସବ ପାଳନ କରିଥିବାରୁ ଏବେ କିଶୋରଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସୂଚନାଯୋଗ୍ୟ, ପଦ୍ମପୁର ଅଞ୍ଚଳର ଯୁବଗୋଷ୍ଠୀ ବିପଦର ବନ୍ଧୁ ନାମକ ଏକ ସଂଗଠନ କରି ସମଗ୍ର ରାଜ୍ୟରେ ଗୋଟିଏ ଗ୍ରୁପ୍ ଗଠନ କରି ରକ୍ତଦାନଠାରୁ ଆରମ୍ଭ କରି ରୋଗୀଙ୍କୁ ଆର୍ଥିକ ସହାୟତା, ବନ୍ୟା, ବାତ୍ୟା ଭଳି ଲୋକଙ୍କ ବିପଦ ଆପଦରେ ସହାୟତା କରିଥାନ୍ତି।

### ୭୧୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ପ୍ରଦାନ

ଟିକିରି,୬।୧୦ (ପ୍ରଫୁଲ୍ଲ କୁମାର ବେହେରା)

ଉତ୍କଳ ଆଲୁମିନା ପକ୍ଷରୁ କାଶୀପୁର ବ୍ଲକ ମାଇକଞ୍ଚ ପଞ୍ଚାୟତର ନୂଆଗାଁଠାରେ ଏକ ମଲ୍ଟି ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ଏକ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଉତ୍କଳ ଆଲୁମିନା ପକ୍ଷରୁ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦିଆଯାଇଛି। ଏହି ଶିବିରରେ ଉତ୍କଳ ମେଡ଼ିକାଲ ସର୍ଭିସେସ୍‌ର ମୁଖ୍ୟ ଡା. ଅରିନ୍ଦମ ରାୟଚୌଧୁରୀ, ସିଏସ୍ଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ପ୍ରମୁଖ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଶିବିରରେ ୩୬ଟି ଗ୍ରାମରୁ ପ୍ରାୟ ୭୧୯ଜଣଙ୍କୁ ଚିକିତ୍ସା କରାଯାଇଥିଲା। ବିଶେଷ ଭାବେ ଚକ୍ଷୁ, ସ୍ତ୍ରୀରୋଗ, ଚର୍ମ, ଶିଶୁ ରୋଗ ଓ ଭେଷଜ



ଜନିତ ରୋଗର ପରୀକ୍ଷା କରାଯାଇ ଡାକ୍ତରୀ ପରାମର୍ଶ ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏଥିସହ ଆବଶ୍ୟକ ଥିବା ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ପଠାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡାକ୍ତର, ଗୋଷ୍ଠୀ ନେତୃବୃନ୍ଦ, ଚିକିତ୍ସା ଅଧିକାରୀ, ସରକାରୀ ଅଧିକାରୀ, ପୋଲିସ ଏବଂ ଉତ୍କଳ ଆଲୁମିନା କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ । ଏହି ଶିବିରକୁ ସିଏସ୍ଆର୍ ମାଇକ୍ସ ମୁଖ୍ୟ ମନୋଜ ଦାସ ଓ ଟିମ୍ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରର ସଫଳତା ପାଇଁ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ମଜହର ବେଗ୍ ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଉତ୍କଳ ଆଲୁମିନା ଏଭଳି ଜନହିତକର କାର୍ଯ୍ୟ ଜାରି ରଖିବ ବୋଲି କହିଥିଲେ ।

# ଫ୍ଲାଏଓଭର ନିର୍ମାଣ ପାଇଁ ଡିପିଆର୍ ଦାଖଲ

- ଜରାଜୀର୍ଣ୍ଣ ଅବସ୍ଥାରେ ରାୟଗଡ଼ାର ଏକମାତ୍ର ଫ୍ଲାଏଓଭର
- ନାଗାବଳୀ ନଦୀ ପୋଲ ଶୋଚନୀୟ
- ଖୁବ୍‌ଶୀଘ୍ର ଆରମ୍ଭ ହେବ କାମ

ରାୟଗଡ଼ା,୬।୧୦(ଆଶିଷ ରଞ୍ଜନ ପଣ୍ଡା)



୩୨୬ ନଂ. ଜାତୀୟ ରାଜପଥରେ ଥିବା ରାୟଗଡ଼ା ଫ୍ଲାଏଓଭର।

ଶୋଚନୀୟ ଅବସ୍ଥାରେ ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥରେ ଥିବା ଏକମାତ୍ର ଫ୍ଲାଏଓଭର । ୧୯୯୮ ମସିହାରେ ନିର୍ମାଣ ହୋଇଥିବା ଏହି ଫ୍ଲାଏଓଭରକୁ ଇତିମଧ୍ୟରେ ୨୫ ବର୍ଷ ବିତିଗଲାଣି। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ନୂତନ ଫ୍ଲାଏଓଭର ନିର୍ମାଣ ପାଇଁ ଜନସାଧାରଣଙ୍କଠାରୁ ଆରମ୍ଭ କରି ରାଜନେତା ଓ ଜିଲାର ପଦାଧିକାରୀମାନେ ବାରମ୍ବାର ଦାବି କରିବା ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାୟଗଡ଼ା ଫ୍ଲାଏଓଭର ଏବଂ ଜେକେପୁର ନାଗାବଳୀ ନଦୀ ପୋଲ ପାଇଁ ଡିପିଆର୍ ପ୍ରସ୍ତୁତ କରି ପଠାଯାଇଛି । ପ୍ରାୟ ୩ କୋଟି ୧୫ଲକ୍ଷ ଟଙ୍କାର ବଜେଟ ପ୍ରସ୍ତୁତ ହୋଇଛି । ଖୁବ୍‌ଶୀଘ୍ର ଏହା ଅନୁମୋଦନ ହୋଇ ଟେଣ୍ଡର ପ୍ରକ୍ରିୟା କରାଯିବ ଏବଂ ଆଗାମୀ ୨ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜାତୀୟ ରାଜପଥ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକ୍ରମ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଫ୍ଲାଏଓଭରର ଦୁଇଟି ସ୍ଲାବ୍ ମଧ୍ୟରୁ ତଳ ଭାଗରେ ଥିବା ମୁଖ୍ୟ ସ୍ଲାବଟି ଠିକ୍ ରହିଛି। କେବଳ ଉପର ସ୍ଲାବ୍‌ଟି ପୁନଃ ନିର୍ମାଣ କରାଯିବ ବୋଲି ପାଣିଗ୍ରାହୀ କହିଛନ୍ତି।

ପ୍ରକାଶ ଥାଉକି, ରାୟଗଡ଼ା ସହର ଦେଇ ଯାଇଥିବା ରେଳପଥ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟିବା କାରଣରୁ ରେଳ ବିଭାଗ ଓ ପୂର୍ତ୍ତ ବିଭାଗର ମିଳିତ ଉଦ୍ୟମରେ ସହର ମଧ୍ୟରେ ୧୯୯୮ରେ ଏକ ଫ୍ଲାଏଓଭର ନିର୍ମାଣ ହୋଇଥିଲା। ତେବେ ବ୍ରହ୍ମପୁରଠାରୁ କୋରାପୁଟକୁ ରାୟଗଡ଼ା ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ୩୨୬ ନମ୍ବର ଜାତୀୟ ରାଜପଥ ଭାବେ ଘୋଷଣା ହେବା ପରେ ୨୦୧୬ରେ ଏହି ଫ୍ଲାଏଓଭର ଜାତୀୟ ରାଜପଥ ବିଭାଗକୁ ହସ୍ତାନ୍ତର ହୋଇଥିଲା। ଏହାର ୭ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ନେଇ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆ ନ ଯିବାରୁ ବର୍ତ୍ତମାନ ଏହାର ଉପର ଭାଗ ସମ୍ପୂର୍ଣ୍ଣ ଦୁର୍ବଳ ପଡ଼ିଯାଇଛି । ୨ ଶହ ମିଟରର ଫ୍ଲାଏଓଭରରେ ୨ ହଜାରରୁ ଊର୍ଦ୍ଧ୍ୱ ଗର୍ତ୍ତ ସୃଷ୍ଟି ହୋଇଛି । ଫ୍ଲାଏ ଓଭରର ଦୁଇ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ ମଧ୍ୟ ଭାଙ୍ଗି ନଷ୍ଟ ହେବାରେ ଲାଗିଲାଣି । ସେହିଭଳି ରାୟଗଡ଼ା ବ୍ଲକ ଜେକେପୁରସ୍ଥିତ ନାଗାବଳୀ ନଦୀ ଉପରେ ଥିବା ପୋଲର ଅବସ୍ଥା ମଧ୍ୟ ଶୋଚନୀୟ। ପୋଲ ନିର୍ମାଣ ହୋଇ ୫୦ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ସେହିଭଳି ଜେକେପୁର ନିକଟସ୍ଥ ନାଇଡୁପେଟା ପୋଲ ମଧ୍ୟ ଭୁଶୁଡ଼ିବା ଅବସ୍ଥାରେ ରହିଥିବା ବେଳେ ଏହାର ସ୍ଥାୟିତ୍ୱ ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ କୌଣସି ସମାଧାନ କରାଯାଉନାହିଁ । କେତେଦିନ ମଧ୍ୟରେ ଫ୍ଲାଏଓଭର ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଜାତୀୟ ରାଜପଥ ସମ୍ପୂର୍ଣ୍ଣ କରୁଛି ତାହା ଦେଖିବାକୁ ବାକି ରହିଲା ।

# ଡେଙ୍ଗୁରେ ଆକ୍ରାନ୍ତ ଯୁବକଙ୍କ ମୃତ୍ୟୁ

ପଦ୍ମପୁର,୬।୧୦(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ୍‌ରେ ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ସାନହୁମା ଗ୍ରାମର ବିଷ୍ଣୁ ପ୍ରଧାନ (୨୯) । ବିଷ୍ଣୁ ଗୁଡ଼ିଆବନ୍ଧର ଏକ ରାଇସ ମିଲ୍‌ରେ କାର୍ଯ୍ୟ କରୁଥିଲେ। ଗତ ୧ ତାରିଖରେ ତାଙ୍କୁ ଜ୍ୱର ହେବାରୁ ସେ ପଦ୍ମପୁରସ୍ଥିତ ଏକ ଘରୋଇ କ୍ଲିନିକରେ ଦେଖାଇଥିଲେ। ଜ୍ୱର ଭଲ ନ ହେବାରୁ ସେ ଗୁଣପୁରର ଏକ ଘରୋଇ କ୍ଲିନିକ୍‌ରେ ରକ୍ତ ପରୀକ୍ଷା କରିବା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଲା। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ଶୁକ୍ରବାର ପଦ୍ମପୁର ମେଡିକାଲ ତରଫରୁ ମଶାବାହିତ ରୋଗ ନିରୀକ୍ଷକ ଜୟଦେବ ଲାମୁଲିପୁରି, ସିଏଚ୍‌ଓ ରୋଜମେରୀ ଦୀପ, ସୁପରଭାଇଜର ଉଦୟ ଚନ୍ଦ୍ର ଶବର, ସ୍ଥାନୀୟ ଆଶା, ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ସାହି ସାହି ବୁଲି ବ୍ଲିଚିଂ ପାଉଡର ପକାଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଜୟଦେବଙ୍କୁ ପଚାରିବାରୁ ପଦ୍ମପୁର ସରକାରୀ ମେଡିକାଲରେ ସିବିସି ପରୀକ୍ଷା ହେଉଥିଲେ ମଧ୍ୟ ପରିବାର ଲୋକେ ତାଙ୍କୁ ସରକାରୀ ଡାକ୍ତରଖାନାକୁ ନ ନେଇ ଘରୋଇ କ୍ଲିନିକରେ ଚିକିତ୍ସା କରାଯାଇଥିଲେ। ଅନ୍ତତଃ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ରୋଗୀ ଭଲ ହୋଇପାରିଥାନ୍ତେ ବୋଲି ସେ କହିଛନ୍ତି।

# ମାଣିକେଶ୍ୱରୀଙ୍କ ବାଲିଯାତ୍ରାରେ ଭକ୍ତଙ୍କ ଭିଡ଼



ବେଜୁଙ୍କ ନିଆଁରେ ଚାଲୁଥିବା ଦୃଶ୍ୟ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଛି।

ଗୁଡାରି,୬।୧୦ (ପ୍ରମୋଦ କୁମାର ପତି)

ଗୁଡ଼ାରିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ବାଲି ଯାତ୍ରା ଶୁକ୍ରବାର ଧୁମଧାମ ରେ ପାଳିତ ହୋଇଛି । ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥିରେ ପାରମ୍ପରିକ ପ୍ରଥା ଅନୁଯାୟୀ, ଅଞ୍ଚଳରେ ସୁଖ ଶାନ୍ତି, ଗୃହପାଳିତ ପଶୁଙ୍କ ରୋଗରୁ ମୁକ୍ତି ଓ ଭଲ ଫସଲ ନିମନ୍ତେ ବାଲିଯାତ୍ରା ପଳନ ହୋଇଥାଏ। ପୂଜକ ରାମ ପୂଜାରୀ ୧୦ ଦିନ ପୂର୍ବରୁ ପାରମ୍ପରିକ ବଂଶଧାରା ନଦୀରୁ ବାଲି ସଂଗ୍ରହ କରି ଆଣି ଘରେ ସ୍ଥାପନ କରିଥାନ୍ତି। ସେଥିରେ ସହରର ପ୍ରତି ସାହିରୁ ଆଦାୟ ହୋଇଥିବା ନବଧାନ ସଂଗୃହିତ ଶସ୍ୟ ଚାଙ୍ଗୁଡ଼ିରେ ଆଦାୟ କରି ପ୍ରତିଦିନ ହଳଦୀ ପାଣି ସିଞ୍ଚନ କରି ପୂଜାର୍ଚ୍ଚନା କରାଯାଏ । ଅଙ୍କୁରିତ ବିହନ ଗଜାର ସ୍ଥିତିରୁ ଅଞ୍ଚଳର ଫସଲକୁ ଅନୁଧ୍ୟାନ କରିବା ନଜିର ରହିଛି ବୋଲି ଲୋକକଥା ଅଛି। ଯାତ୍ରା ଦିନ ବାଦ୍ୟ ବାଜଣାରେ ମା'ଙ୍କ ଶୁଭଖୁଣ୍ଟି ଆଣି ଯାତ୍ରା ପଡିଆରେ ସ୍ଥାପନ କରି ପୂଜାର୍ଚ୍ଚନା କରିଥାନ୍ତି । ପୂଜକ (ବେଜୁ) ଅକ୍ଷୟ ଶବର ନିଆଁରେ ଚାଲିବା, କଣ୍ଟା ଦୋଳିରେ ଖେଳିବା ଓ ମାଟି ହାଣ୍ଡିରେ ବସିବା ଭଳି ବିଭିନ୍ନ ନିଆରା ପରମ୍ପରା ଦେଖିବାକୁ ମିଳେ। ଗୁଡାରି ତହସିଲଦାର ହୃଷିକେଶ ପଣ୍ଡା, ରାଜସ୍ୱ ନିରୀକ୍ଷକ ପ୍ରସାଦ ନିମାଲୁ , ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ସ୍ଥାନୀୟ ପରମ ଜ୍ୟୋତି ଯୁବକ ସଂଘ ଯାତ୍ରା ପରିଚାଳନା କରିଥିଲେ। ଅନୁକୂଳ ପାଗ ଯୋଗୁ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା।

# ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ଘଟଣା

## ୩ ଜଣଙ୍କୁ ଧମକପୂର୍ଣ୍ଣ ଚିଠି



ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଲୋକେ।

ରାୟଗଡ଼ା,୬।୧୦ (ଆଶିଷ ରଞ୍ଜନ ପଣ୍ଡା)

**ଆଦିବାସୀ ମହାସଂଘ ଏଭଳି କୌଣସି ଚିଠି ଲେଖିନାହିଁ : ବସନ୍ତ ଉଲାକା**

ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗିଙ୍କ ହତ୍ୟା ଆରୋପରେ ରାୟଗଡ଼ା ବ୍ଲକ୍ କୋଟାପେଟା ଗ୍ରାମର ୩ ଜଣଙ୍କୁ ଆଦିବାସୀ ମହାସଂଘ ନାଁରେ ଧମକପୂର୍ଣ୍ଣ ଚିଠି ମିଳିଛି। ଡାକ ବିଭାଗ ମାଧ୍ୟମରେ ଏହି ଚିଠି ସେମାନଙ୍କୁ ମିଳିଥିବା ଜଣାପଡ଼ିଛି । ଧମକପୂର୍ଣ୍ଣ ଚିଠିରେ କୋଟାପେଟା ଗ୍ରାମର ରାଜା ମଧୁ ଓରଫ୍ ରାଜା ମାଝି, ମହେଶ ମାଝି ଓ ବାଡ଼ିଙ୍ଗି ଚାଣ୍ଡିଙ୍କ ନାମ ଉଲ୍ଲେଖ ରହିଛି । ସମ୍ପୃକ୍ତ ୩ ବ୍ୟକ୍ତି ଭାଗୀରଥିଙ୍କୁ ମାରି ଝଞ୍ଜାବତୀ ନଦୀରେ ଫିଙ୍ଗି ଦେଇଥିବା ନେଇ ଗାଁର କେତେଜଣ ଲୋକ ଜଣାଇଛନ୍ତି ବୋଲି ଚିଠିରେ ଉଲ୍ଲେଖ ରହିଛି। ଏଥିସହ ସମ୍ପୃକ୍ତ ୩ ବ୍ୟକ୍ତି ଅଞ୍ଚଳରେ ଉପଦ୍ରବ କରୁଥିବାରୁ ବହୁ ଲୋକ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଉଛନ୍ତି। ତେଣୁ ସେମାନଙ୍କୁ ଦଣ୍ଡ ଦିଆଯିବ ବୋଲି ଉକ୍ତ ଚିଠିରେ ଦର୍ଶାଯାଇଛି। ତେବେ ଏହି ଚିଠି ନେଇ ଆଦିବାସୀ ମହାସଂଘ କର୍ମକର୍ତ୍ତାଙ୍କୁ ପଚାରିଲେ ଆମ୍ଭେ ଏଭଳି କୌଣସି ଚିଠି ଲେଖିନାହୁଁ। ଆଦିବାସୀ ମହାସଂଘକୁ ବଦନାମ କରିବା ପାଇଁ ଏଭଳି ଚକ୍ରାନ୍ତ କରାଯାଉଥିବା ମହାସଂଘର ଆବାହକ ବସନ୍ତ ଉଲାକା ଓ ଅନ୍ୟ କର୍ମକର୍ତ୍ତାମାନେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ ଡିସେମ୍ବରରେ ମଧ୍ୟ ଥରେ ଏଭଳି ଚିଠି ସେମାନଙ୍କୁ ଆସିଥିଲା । ୨୦୨୩ ଜାନୁୟାରୀ ୧୦ରେ ସେମାନେ ଏ ନେଇ ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ । ହେଲେ ଏହାର କୌଣସି ତଦନ୍ତ ହୋଇନାହିଁ। ଏବେ ପୁଣି ଥରେ ସେହିଭଳି ଧମକପୂର୍ଣ୍ଣ ଚିଠି ଆସିବା ପରେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ସେମାନେ ଭୟଭୀତ ହୋଇ ଶୁକ୍ରବାର ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିକଟକୁ ଅଭିଯୋଗ ପାଇଁ ଆସିଥିଲେ। ଏସ୍‌ପି ଶର୍ମାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର ସେମାନଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଏ ନେଇ ତଦନ୍ତ କରାଯିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଉକ୍ତ ୩ଜଣଙ୍କ ସହ ଆଦିବାସୀ ମହାସଂଘର ଆବାହକ ବସନ୍ତ ଉଲାକା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଗାଡିରୁ ମୃତଦେହ ଜବତ

ଲକ୍ଷ୍ମୀପୁର, ୬।୧୦ (ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ରେଲୱେ ଗେଷ୍ଟ ହାଉସ ନିକଟରେ ଏକ ବୋଲେରୋ ଗାଡ଼ିରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ଉକ୍ତ ଗାଡି ଭିତରେ ମୃତଦେହ ଥିବା ଦେଖି ସ୍ଥାନୀୟ ଲୋକେ ଆର୍‌ପିଏଫ୍ ଇନ୍ସପେକ୍ଟର ବିନୋଦ ଡୁଙ୍ଗଡୁଙ୍ଗଙ୍କୁ ଖବର ଦେଇଥିଲେ। ଖବରପାଇ ଡୁଙ୍ଗଡୁଙ୍ଗ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତକରି ଏ ସମ୍ପର୍କରେ ଲକ୍ଷ୍ମୀପୁର ଥାନାକୁ ଜଣାଇଥିଲେ। ଲକ୍ଷ୍ମୀପୁର ଏଏସ୍ଆଇ କୃଷ୍ଣଚନ୍ଦ୍ର ଆଚାରୀ ପହଞ୍ଚି ଉକ୍ତ ବୋଲେରୋ (ଓଡ଼ି୨୦-୫୨୭୨)ରୁ ମୃତଦେହ ଜବତ କରିଥିଲେ। ମୃତକ ଜଣକ ରାୟଗଡ଼ା କସ୍ତୁରୀନଗରର ନିବାସୀ ସିଏଚ୍ ଈଶ୍ୱର ରାଓ (୫୮) ବୋଲି ଜଣାପଡ଼ିଛି। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ ରାଓଙ୍କ ଦେହ ଅସୁସ୍ଥ ଥିଲା। ସେ ବୋଲେରୋରେ ଲକ୍ଷ୍ମୀପୁର ରେଲୱେ କର୍ମଚାରୀଙ୍କୁ ଗୁରୁବାର ରାତିରେ ଛାଡ଼ିବାକୁ ଯାଇଥିଲେ। ତେବେ ଗାଡ଼ିରେ ଶୋଇଥିବା ଅବସ୍ଥାରେ ରାଓଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

# ସାଇବର ଅପରାଧ ରୋକିବାକୁ ସଚେତନତା ବାର୍ତ୍ତା

ଅମ୍ବାଦଳା,୬।୧୦(ରବୀନ୍ଦ୍ର ପଣ୍ଡା)




ରାୟଗଡ଼ା ଜିଲା ଅମ୍ବାଦଳା ଥାନାରେ ସାଇବର ଅପରାଧ ସଚେତନତା ରଥ ପହଞ୍ଚିବା ପରେ ତାକୁ ସ୍ୱାଗତ କରାଯାଇଥିଲା। ପରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସାଇବର ଅପରାଧ ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅମ୍ବାଦଳା ଥାନା ଅଧିକାରୀ କାର୍ତ୍ତିକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଶବର, ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ କବିରାଜ ପ୍ରଧାନ, ଅମ୍ବାଦଳା ବଣିକ ସଂଘର ସଭାପତି ସନ୍ତୋଷ ପାତ୍ର ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ସୌମ୍ୟରଞ୍ଜନ ବଳବନ୍ତରାୟ ଯୋଗଦେଇଥିଲେ । ଆଜିକାଲି ସୋସିଆଲ ମିଡିଆ ମାଧ୍ୟମରେ ଏବଂ ଅନ୍‌ଲାଇନ ଜରିଆରେ ସାଇବର ଅପରାଧୀମାନେ କିପରି ଲୋକଙ୍କୁ ଠକେଇ କରୁଛନ୍ତି, ଏଥିରୁ କିପରି ବଞ୍ଚିପାରିବା ସେ ଦିଗରେ ମଞ୍ଚାସୀନ ଅତିଥିମାନେ ନିଜ ନିଜ ମତ ରଖିଥିଲେ। ନାଟକ ମାଧ୍ୟମରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଇଥିଲା।

# ଶୁଣିଲାନି ପ୍ରଶାସନ, ଗ୍ରାମବାସୀ ନିର୍ମାଣକଲେ କାଠପୋଲ

ମୁନିଗୁଡ଼ା, ୬।୧୦ (ରାଧେଶ୍ୟାମ ଅଗ୍ରୱାଲ)



କାର୍ଡାପଙ୍ଗା ଗ୍ରାମବାସୀ କାଠ ପୋଲ ନିର୍ମାଣ କରୁଛନ୍ତି ।

ଗମନାଗମନ ଅସୁବିଧାକୁ ନେଇ ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ ଏବଂ ସ୍ଥାନୀୟ ରାଜନେତାଙ୍କୁ ଜଣାଇ ନୟାନ୍ତ ହେବା ପରେ ଶେଷରେ ଗ୍ରାମବାସୀ ନିଜେ ଶ୍ରମଦାନ କରି କାଠ ପୋଲି ନିର୍ମାଣ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଅନୁସୂଚିତ ଜନଜାତି ଓ ଜାତି ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁନିଗୁଡା ବ୍ଲକରେ। ଅଞ୍ଚଳବାସୀ କହିଛନ୍ତି, ରାଜ୍ୟ ସରକାର ଆଦିବାସୀଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା କରୁଛନ୍ତି । ହେଲେ ମଧ୍ୟ ଗମନାଗମନରେ ଆଜି ବି ଅପହଞ୍ଚ ମୁନିଗୁଡା ବ୍ଲକ ତେଲେଙ୍ଗାପଦର ପଞ୍ଚାୟତର ବହୁ ଗ୍ରାମ । ତେଲେଙ୍ଗାପଦର ପଞ୍ଚାୟତର କର୍ଡାପଙ୍ଗା, ପୋଗୁ ଓ ପାତାରା ଭଳି ଅନେକ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ରାସ୍ତା ନିର୍ମାଣ କାମ ଆସିଥିଲେ ମଧ୍ୟ ସଂଯୋଗୀକରଣ ହୋଇପାରୁନାହିଁ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ମୁନିଗୁଡା ବ୍ଲକର କାର୍ଡାପଙ୍ଗା ଗ୍ରାମକୁ ରାସ୍ତା ନ ଥିବାରୁ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଥିଲା। ପ୍ରଶାସନି କସ୍ତରରେ ସମସ୍ୟାର ସମାଧାନ ନ ହେବାରୁ ଶେଷରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ନାଳ ଉପରେ କାଠପୋଲ ନିର୍ମାଣ କରିଛନ୍ତି। ଟ୍ରାକ୍ଟର ସାହାଯ୍ୟରେ ବଡ ବଡ କାଠ ଆଣି ଏହି ପୋଲ ନିର୍ମାଣ କରାଯାଇଛି। କନ୍ଧମାଳ ଜିଲା ଦୁର୍ଗାପଙ୍ଗା ପଞ୍ଚାୟତର ଜାତୀୟ ରାଜପଥ ରାସ୍ତାଠାରୁ ୭ଖଣ୍ଡ ଗ୍ରାମକୁ ଏହି କାଠ ପୋଲ ସଂଯୋଗ କରିବ ବୋଲି ଗ୍ରାମବାସୀ କହିଛନ୍ତି । ଜିଲା ପ୍ରଶାସନ ଓ ମନ୍ତ୍ରୀ ସାରକା ଏଥିପ୍ରତି ଦୃଷ୍ଟିଦେଇ ଏହାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କୃଷିକୁ ନେଇ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ

**କୃଷି ମହୋତ୍ସବ -୨୦୨୩ ସଂକଳ୍ପ ସପ୍ତାହ**

ମୁନିଗୁଡ଼ା,୬।୧୦ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ କୃଷି ମହୋତ୍ସବ -୨୦୨୩ ସଂକଳ୍ପ ସପ୍ତାହ ପାଳିତ ହୋଇଛି। କୃଷି ଜିଲା ଅଧିକାରୀ ଚିତ୍ତରଞ୍ଜନ ଶତପଥୀଙ୍କ ସଭାପତିତ୍ୱ ଓ ବୈଷୟିକ ସହକାରୀ କୃଷି ପରିଚାଳକ ଉତ୍ତମ କୁମାର ଦାସଙ୍କ ସଂଯୋଜିତ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଖିନୀ ନୁଣ୍ଡ୍ରୁକା, ମୁଖ୍ୟବକ୍ତା ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡ୍ରୁକା,ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲା କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ଗୋଷ୍ଠୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ, ପିରାମଲ ଫାଉଣ୍ଡେଶନ ଅଫିସର କାଜଲ କୁମାରୀ,ସହକାରୀ ମତ୍ସ୍ୟ ଅଧିକାରୀ ଅରମାନ ମଲ୍ଲିକ,ସହକାରୀ ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ସୌଦାମିନୀ ନାୟକ,ସହକାରୀ ଉଦ୍ୟାନ କୃଷି ଅଧିକାରୀ ପାରମିତା ବିଶାଳ,ସହକାରୀ କୃଷି ଅଧିକାରୀ ବିଭୁଭୂଷଣ ଜେନା ପ୍ରମୁଖ ଉପସ୍ଥିତ ରହି ସଂକଳ୍ପ ସପ୍ତାହର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ନୁଣ୍ଡ୍ରୁକା ଜାତୀୟ ଖାଦ୍ୟ ନିରାପତ୍ତା ମିଶନର କୃଷିର ଭୂମିକା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଯୁବକଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶତପଥୀ କୃଷି ଓ କୃଷକ ସଶକ୍ତୀକରଣ ଏବଂ କୃଷିକୁ ନେଇ ରୋଜଗାର ସୃଷ୍ଟି ଉପରେ ଜୋର୍ ଦେଇଥିଲେ। ପ୍ରାଣୀ ସମ୍ପଦ ଅଧିକାରୀ ନାୟକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସ୍ୱତନ୍ତ୍ର ସରକାରୀ ରିହାତି, ଉଦ୍ୟାନ କୃଷି ଉପରେ ସରକାରୀ ପ୍ରୋତ୍ସାହନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଭିନବ କୃଷି ଯନ୍ତ୍ରପାତି ପାଇଁ ଅନନ୍ତ ପିଡିକାକା,ରଙ୍ଗୋଲୀ ପାଇଁ ମିଶନ ଶକ୍ତି ଓ ଜୀବିକା ମିଶନର ଅମ୍ବିକା ନାୟକ, ଲୋକକଳା ପାଇଁ ଲକ୍ଷ୍ମୀକାନ୍ତ ନାୟକ ଓ ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତି ସୁଭଦ୍ରା ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିପିଏମ୍, ବିପିସି, ବିଏଲ୍‌ସି କୃଷି ମିତ୍ର, ପ୍ରାଣୀ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ଆର୍‌ସିଡିସି ଓ ମିଲେଟ ମିଶନ ତରଫରୁ ଲୋକମାନଙ୍କୁ ମାଣ୍ଡିଆରୁ ତିଆରି ବିଭିନ୍ନ କିସମର ସୁସ୍ୱାଦୁ ଖାଦ୍ୟ, ପାନୀୟ ପରିବେଷଣ କରିଥିଲେ। କୃଷି ଓ କୃଷକ ସମ୍ବନ୍ଧୀୟ ନୃତ୍ୟ ନାଟିକା, ରଙ୍ଗୋଲୀ ପରିବେଷିତ ହୋଇଥିଲା।




ବୈଠକରେ ମଞ୍ଚାସୀନ ଅତିଥିମାନେ।

# ହୋଟେଲରୁ ୬୧ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ

- ଯୋଗାଣ ବିଭାଗର ଚଢ଼ାଉ
- କମର୍ସିଆଲ ବଦଳରେ ଘରୋଇ ସିଲିଣ୍ଡର ବ୍ୟବହାର କରାଯାଉଛି

ରାୟଗଡ଼ା, ୬।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହରରେ ଥିବା ବିଭିନ୍ନ ହୋଟେଲରେ ବେଆଇନ ଭାବେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଉଛି। ହୋଟେଲରେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ପାଇଁ ନିୟମ ରହିଥିବା ବେଳେ ହୋଟେଲ ମାଲିକମାନେ ବେଆଇନ ଭାବେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରୁଥିବା ଅଭିଯୋଗ ହୋଇଆସୁଥିଲା। ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ରାୟଗଡା ଉପଖଣ୍ଡ ସ୍ତରୀୟ ଯୋଗାଣ ବିଭାଗ ବିଭିନ୍ନ ହୋଟେଲରେ ଚଢ଼ାଉକରି ୬୧ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛି।

ରାୟଗଡ଼ା ସଦର ସହକାରୀ ଯୋଗାଣ ଅଧିକାରୀ ସୁହାଂଶ ଭୋଇଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ସହରରେ ଥିବା ବିଭିନ୍ନ ହୋଟେଲ ଉପରେ ଚଢ଼ାଉ କରିଥିଲେ। ଆଇସିଡିଏସ୍ ଛକ ସମ୍ମୁଖରେ ଥିବା ଓମ୍ ସାଇରାମ ଫାଷ୍ଟ ଆଣ୍ଡ ଫାଷ୍ଟ ଫୁଡ୍‌ରେ ଚଢାଉ ବେଳେ ୪ଟି ଏବଂ ସାଇରାମ ରେଷ୍ଟୁରାଣ୍ଟରୁ ୫ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ସେହିପରି ନେହେରୁନଗର ଅଞ୍ଚଳରୁ ଏକ ମ୍ୟାକ୍ସ ପିକ୍‌ଅପ୍ ଗାଡ଼ିରୁ ୫୧ଟି ଇଣ୍ଡେନ କମ୍ପାନୀର ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏହି ଗାଡିରେ ୫ଟି ପୂର୍ଣ୍ଣ ସିଲିଣ୍ଡର ଏବଂ ୪୬ଟି ଖାଲି ସିଲିଣ୍ଡର ରହିଥିଲା । ତେବେ ଗାଡିରେ ଥିବା ଗ୍ୟାସ୍ ସିଲିଣ୍ଡରର ଠିକ୍ ବିଲ୍ ଓ କାଗଜପତ୍ର ବ୍ୟକ୍ତି ଜଣକ ଦେଖାଇ ପାରି ନ ଥିବାରୁ ବିଭାଗୀୟ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ଲିଖିତ ଭାବେ ଯୋଗାଣ ବିଭାଗ ଟିମ୍‌କୁ ଜଣାଇଛନ୍ତି। ସିଲିଣ୍ଡରଗୁଡିକର ବିଲ୍ ଓ କାଗଜପତ୍ର ଦେଖାଇ ନ ପାରିଲେ ବ୍ୟକ୍ତିଙ୍କ ବିରୋଧ ମାମଲା ରୁଜୁହେବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ଦିନରେ ସହରର ବିଭିନ୍ନ ଚାଉଳ, ଆଳୁ, ପିଆଜ ଗୋଦାମରେ ମଧ୍ୟ ଚଢାଉ କରାଯିବ ବୋଲି ସହକାରୀ ଯୋଗାଣ ଅଧିକାରୀ ଭୋଇ କହିଛନ୍ତି । ଚଢାଉ ସମୟରେ କାଶୀପୁର ବ୍ଲକ ମାର୍କେଟିଂ ଇନ୍‌ସ୍ପେକ୍ଟର (ଏମ୍ଆଇ) ସତ୍ୟନାରାୟଣ ଭୋଇ, ରାୟଗଡ଼ା ବ୍ଲକର ଏମ୍ଆଇ ଚୈତନ ବେହେରାଙ୍କ ସହ କୋଲନରା ବ୍ଲକ ଏମ୍ଆଇ ଅନୀଲ କୁମାର ଗମାଙ୍ଗ ପ୍ରମୁଖ ସାମିଲ ଥିଲେ । ସହରରେ ନିୟମିତ ଏପରି ଯାଞ୍ଚ କରିବାକୁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ମଝିରେ ମଝିରେ ହୋଟେଲଗୁଡିକର ସ୍ୱଚ୍ଛତା ଏବଂ ଶୁଦ୍ଧତା ଯାଞ୍ଚ କରାଯିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।



ଜବତ ହୋଇଥିବା ଗ୍ୟାସ୍ ସିଲିଣ୍ଡର।

### ଏସ୍‌ଡିସି କପ୍ ପ୍ରତିଯୋଗିତା ନେଇ ପ୍ରସ୍ତୁତି ବୈଠକ

ଜୟପୁର,(ପବନ ପାଣିଗ୍ରାହୀ)-ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଏସ୍‌ଡିସି କପ୍ ପ୍ରତିଯୋଗିତା ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ସଭାଗୃହରେ ହୋଇଥିବା ବୈଠକରେ ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଭା ପ୍ରଧାନ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ଆପ୍ତା ନାୟକ, ଏସ୍‌ଡିସି ସଦସ୍ୟ ବୈଦ୍ୟନାଥ ନାୟକ, ଟଙ୍କଧର ହଲବା, ମେଡିକାଲ କର୍ମଚାରୀ, ଅଗ୍ନିଶମ ଅଧିକାରୀ, ବ୍ଲକ ଅଧୀନରେ ଥିବା ହାଇସ୍କୁଲଗୁଡ଼ିକର ପିଇଟି ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରଥମେ ପଞ୍ଚାୟତ ସ୍ତରରେ ଫୁଟ୍‌ବଲ ଏବଂ ଭଲିବଲ ପ୍ରତିଯୋଗିତା ହେବ। ଜୟପୁର ଦଶହରା ପଡ଼ିଆଠାରେ ଆସନ୍ତା ୧୧,୧୨,୧୩ ତାରିଖରେ ବ୍ଲକସ୍ତରୀୟ ପ୍ରତିଯୋଗିତା ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

**ସଂକ୍ଷେପରେ**

## ଗାଡ଼ିରୁ ମୃତଦେହ ଜବତ

ଲକ୍ଷ୍ମୀପୁର, ୬।୧୦ (ଅନନ୍ତ ନାୟକ)

ଲକ୍ଷ୍ମୀପୁର ରେଲୱେ ଗେଷ୍ଟ ହାଉସ ନିକଟରେ ଏକ ଗାଡ଼ିରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ଉକ୍ତ ଗାଡି ଭିତରେ ମୃତଦେହ ଥିବା ଦେଖି ସ୍ଥାନୀୟ ଲୋକେ ଆର୍‌ପିଏଫ୍ ଇନ୍ସପେକ୍ଟର ବିନୋଦ ଡୁଙ୍ଗ୍‌ଡୁଙ୍ଗଙ୍କୁ ଖବର ଦେଇଥିଲେ। ଖବର ପାଇ ଡୁଙ୍ଗ୍‌ଡୁଙ୍ଗ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତକରି ଏ ସମ୍ପର୍କରେ ଲକ୍ଷ୍ମୀପୁର ଥାନାକୁ ଜଣାଇଥିଲେ। ଲକ୍ଷ୍ମୀପୁର ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଆଚାରୀ ପହଞ୍ଚି ଉକ୍ତ ବୋଲେରୋ (ଓଡି୨୦-୫୨୭୨)ରୁ ମୃତଦେହ ଜବତ କରିଥିଲେ। ମୃତକ ଜଣକ ରାୟଗଡ଼ା କସ୍ତୁରୀନଗର ନିବାସୀ ସିଏଚ୍ ଈଶ୍ୱର ରାଓ (୫୮) ବୋଲି ଜଣାପଡ଼ିଛି। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ ରାଓଙ୍କ ଦେହ ଅସୁସ୍ଥ ଥିଲା। ସେ ବୋଲେରୋରେ ଲକ୍ଷ୍ମୀପୁର ରେଲୱେ କର୍ମଚାରୀଙ୍କୁ ଗୁରୁବାର ରାତିରେ ଛାଡ଼ିବାକୁ ଯାଇଥିଲେ। ତେବେ ଗାଡ଼ିରେ ଶୋଇଥିବା ଅବସ୍ଥାରେ ରାଓଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପୋଲିସ କେସ୍ ନଂ. ୧୨/୨୩ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଷୋଡ଼ଶ ଉପଚାର ପୂଜା ଆରମ୍ଭ

ଜୟପୁର, ୬।୧୦(ପବନ ପାଣିଗ୍ରାହୀ)

- ଜୟପୁର ଐତିହାସିକ ଦଶହରା ମହୋତ୍ସବ
- ଆଜ୍ଞାମାଳ ଗ୍ରହଣ କଲେ ବିଧାୟକ

ଜୟପୁରସ୍ଥିତ ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିରରେ ଶୁକ୍ରବାରଠାରୁ ୧୬ ଦିନ ଧରି ହେଉଥିବା ଷୋଡଷ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଦଶହରା ମହୋତ୍ସବ ପାଇଁ ଆଜ୍ଞାମାଳ ଗ୍ରହଣ କରାଯାଇଛି। ବିଧାୟକ ତାରାପ୍ରସାଦ ବାହିନୀପତି ଏହି ଆଜ୍ଞା ମାଳ ଗ୍ରହଣ କରିଛନ୍ତି। ଅଧିଷ୍ଠାତ୍ରୀ ମା' ଦକ୍ଷିଣ କାଳିକା ମନ୍ଦିରରେ ମଧ୍ୟ ଷୋଡଶ ପୂଜା ଆରମ୍ଭ ହୋଇଛି। ମୂଳାଷ୍ଟମୀ ଅବସରରେ ଦେବୀ ମା' ଭଗବତୀଙ୍କ ପୀଠରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ଦଶହରାରେ ଯୋଗଦେବାକୁ ନିମନ୍ତ୍ରଣ ଦେବା ଆରମ୍ଭ ହୋଇଛି।

ଏହି ଅବସରରେ ଶୁକ୍ରବାର ସକାଳୁ ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିରଠାରେ ଶହସ୍ର କୁମ୍ଭାଭିଷେକ କରାଯାଇଥିଲା। ପରେ ମା'ଙ୍କ ପୂଜକ ବୀରେନ୍ଦ୍ର ରଥ ପୂଜାର୍ଚ୍ଚନା, ଆଳତି କରି ଦେବୀଙ୍କ ଆଜ୍ଞାମାଳ ଜୟପୁର ପୂଜା କମିଟି ଅଧ୍ୟକ୍ଷ ତାରା ପ୍ରସାଦ ବାହିନୀପତିଙ୍କୁ ପ୍ରଦାନ କରିଥିଲେ। ପୂଜା ସମୟରେ ଦେବୋତ୍ତର ଅଧିକାରୀ ତହସିଲଦାର ସାଗରିକା ଷଡଙ୍ଗୀ, କୃଷ୍ଣଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଭଗବତୀଙ୍କ ନିକଟରେ ପୂଜା, ଆଳତି କରାଯାଇଥିଲା। ରାଜରାଜୁଡା ଅମଳରୁ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଓ ଦକ୍ଷିଣ କାଳିକା ମନ୍ଦିରରେ ୧୬ ଦିନ ବ୍ୟାପି ଷୋଡଶ ପୂଜା କରାଯାଏ। ଶାନ୍ତି ଶୃଙ୍ଖଳାରେ ମହୋତ୍ସବ ପାଳନ ନେଇ ଆଜ୍ଞାମାଳ ଗ୍ରହଣ କରାଯାଇଥାଏ। ଦଶହରା ଦିନ ଦଶହରା ପଡିଆରେ ଅପରାଜିତା ପୂଜା ପରେ ଦଶହରା ଶେଷ ହୁଏ।

ରାଜାଜାଡୁଡା ଅମଳରୁ ଏଠାରେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ନିମନ୍ତ୍ରଣ କରାଯାଉଛି। ଏହି ପ୍ରଥା ଏବେ ମଧ୍ୟ ପ୍ରଚଳିତ ହେଉଛି। ଆମାବାସ୍ୟ ପରେ ଅବିଭକ୍ତ କୋରାପୁଟ ଜିଲାର ଦେବୀ ପୀଠ ଏବଂ ସେବାୟତଙ୍କୁ ଦଶହରା ପର୍ବରେ ଯୋଗଦେବାକୁ ନିମନ୍ତ୍ରଣ ପ୍ରଦାନ କରାଯିବ। ନିମନ୍ତ୍ରଣ ପାଇବା ପରେ ବିଭିନ୍ନ ଦେବୀ ପୀଠରୁ ଦେବୀଙ୍କ ପ୍ରତୀକ ଲାଠି, ଖଡଗ, ଛତ୍ର, ବିମାନକୁ ଭକ୍ତମାନେ ହାତରେ କାନ୍ଧରେ ବୋହି ଚାଲି ଚାଲି କୋରାପୁଟ ଜିଲାର ନନ୍ଦପୁର, ସଲପା, ତେଲିଆ ଜାମୁଣ୍ଡା, ପୋଡାଗଡ ଦେବୀ ପୀଠରୁ ଲାଠି ଧାରୀମାନେ ଜୟପୁରରେ ଦଶମୀ ତିଥିରେ ପହଞ୍ଚିବେ। ଏହି ଲାଠିଧାରୀମାନଙ୍କୁ ଦଶହରା ପଡିଆରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ। ଶୁକ୍ରବାରଠାରୁ ମା' ଭଗବତୀ, ଦକ୍ଷିଣକାଳିକାଙ୍କଠାରେ ୧୬ ଦିନ ବ୍ୟାପି ହୋମ, ଚଣ୍ଡୀପାଠ, ସ୍ୱତନ୍ତ୍ର ପୂଜା ଓ ଅଖଣ୍ଡ ଦୀପ ଲାଗି ପୂଜା ହୋଇଛି। ଶହସ୍ରା କୁମ୍ଭାଭିଷେକ ମଧ୍ୟ ହୋଇଛି। ଏକ ହଜାର ୮ ସୁବାସିତ ଜଳରେ ରୁପା ଢାଳରେ ମା'ଙ୍କୁ ସ୍ନାନ କରାଯାଇଛି। ଅନ୍ୟପକ୍ଷରେ ମା' ଭଗବତୀଙ୍କ ବିଜୟା ଭ୍ରମଣ ଅକ୍ଟୋବର ୧୫ ରୁ ଆରମ୍ଭ ହୋଇ ୨୧ ଯାଏ ଚାଲିବ। ୨୪ ତାରିଖ ଦଶହରା ଦିନ ରାବଣ ପୋଡି ସହ ୪ଟି ବିମାନ ଦଶହରା ପଡିଆରେ ଅପରାଜିତା ପୂଜାରେ ସାମିଲ ହୋଇ ପୂଜା ସାରି ମନ୍ଦିର ଫେରିବେ ।



ବିଧାୟକ ତାରାପ୍ରସାଦ ବାହିନୀପତି ଆଜ୍ଞାମାଳ ଗ୍ରହଣ କରୁଛନ୍ତି।

## ବିଜେଡି କୋରାପୁଟ ଜିଲା କମିଟି ପୁନର୍ଗଠିତ

ଭୁବନେଶ୍ୱର,୬।୧୦(ଅନିଲ ଦାସ)

**ପ୍ରଶାନ୍ତ ଗୁପ୍ତା କାର୍ଯ୍ୟକାରୀ ସଭାପତି, ୫ ଉପଦେଷ୍ଟା, ୧୧ ଉପସଭାପତି, ୨୧ ସାଧାରଣ ସମ୍ପାଦକ, ୨୨ ସମ୍ପାଦକ ଏବଂ ୨୪ ଯୁଗ୍ମ ସମ୍ପାଦକ ନିଯୁକ୍ତ**

ବିଜେଡି କୋରାପୁଟ ଜିଲା କମିଟିର ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କମିଟିରେ ଜଣେ କାର୍ଯ୍ୟକାରୀ ସଭାପତି, ୫ ଉପଦେଷ୍ଟା, ୧୧ ଉପସଭାପତି, ୨୧ ସାଧାରଣ ସମ୍ପାଦକ, ୨୨ ସମ୍ପାଦକ ଏବଂ ୨୪ ଯୁଗ୍ମ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହିତ ଜିଲା କମିଟିର ବ୍ଲକ ଓ ସହରାଞ୍ଚଳରେ ସଭାପତି ଏବଂ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ଶୁକ୍ରବାର ଏ ନେଇ ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ଜିଲା କମିଟିର କାର୍ଯ୍ୟକାରୀ ସଭାପତି ଭାବେ ପ୍ରଶାନ୍ତ ଗୁପ୍ତାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଉପଦେଷ୍ଟା ଭାବେ ଗୁପ୍ତ ପ୍ରସାଦ ଦାସ, ଉତ୍କଳ ରଞ୍ଜନ ନାୟକ, ଗୋପାଳକୃଷ୍ଣ ବେବର୍ତ୍ତା, ତ୍ରିପତି ବାଲାଜୀ ମହାନ୍ତି ଏବଂ ଅନୁପ ପାତ୍ରୋଙ୍କୁ ନିଯୁକ୍ତି ଦିଆଯାଇଛି। ଉପସଭାପତି ଭାବେ ନାରାୟଣ ବିଶୋଇ, ପଙ୍କଜ ପାତ୍ରୋ, ପ୍ରସାଦ ବିଦ୍ଦିକା, ମାଳତି ମାଝି, ଦୁର୍ଗା ମିଶ୍ର, ଏ.ଶ୍ରୀନୁ, ସୂର୍ଯ୍ୟନାରାୟଣ ରଥ, ରାମ ପୂଜାରୀ, ଦାମୋଦର ଜାନି, ବିଜୟ ପଣ୍ଡା, ଆର.ଶ୍ରୀନିବାସ ରାଓଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଜୟନ୍ତ ମିଶ୍ର, ସାଥିରାମ ନାୟକ, ପୂର୍ବା ଖିଲୋ, ମୁନା ମହାପାତ୍ର, ଲଳିତ ପରିଡା, ପ୍ରତାପ ଚନ୍ଦ୍ର ଖୋସଲା, କୁମୁଦ ଚନ୍ଦ୍ର ସାନ୍ତା, କେଶବ ପଣ୍ଡା, ନରସିଂହ ମିଶ୍ର, ବିରୋନ ଭୋଇ, ପ୍ରଶାନ୍ତ ମହାନ୍ତି, ନରେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ତ୍ରିପାଠୀ, ସନ୍ତୋଷ ମିଶ୍ର, ଶିବ ପଟ୍ଟନାୟକ, ନାଗରାଜ ଦୋରା, ସୁରେଶ ପଟ୍ଟନାୟକ, ସଦାଶିବ ବାରିକ, ଉମା ମହେଶ୍ୱର ରାଓ, ଲାଲଚାନ ଖୋରା ଏବଂ ଅନନ୍ତରାମ ମାତାମଙ୍କୁ ନିଯୁକ୍ତି ଦିଆଯାଇଛି।

## ଭାଜପା କୃଷକ ମୋର୍ଚ୍ଚାର ବିକ୍ଷୋଭ




ଜୟପୁର, ୬।୧୦ (ପବନ ପାଣିଗ୍ରାହୀ)

ଭାଜପା କୃଷକ ମୋର୍ଚ୍ଚା କୋରାପୁଟ ଜିଲା ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବରରେ କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ଦେଇଛନ୍ତି। କୃଷି ଯନ୍ତ୍ରପାତି କିଣାରେ ମିଳୁଥିବା ସବ୍‌ସିଡି କାରବାରରେ ହେଉଥିବା ଦୁର୍ନୀତି ଏବଂ ଧାନ କିଣାରେ ମଣ୍ଡି ସ୍ତରରେ ଚାଲିଥିବା ଅବ୍ୟବସ୍ଥାରେ ସମ୍ପୃକ୍ତ ରାକେଟ୍‌କୁ ଠାବକରି ଏହାର ସିବିଆଇ ତଦନ୍ତ କରିବା, ସାର କଳାବଜାର ଓ ଅଭାବୀ ବିକ୍ରି ରୋକିବା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସାମିଲ ପାଇଁ ରାଜ୍ୟ ସରକାର ତୁରନ୍ତ ସମସ୍ତ ଚାଷୀଙ୍କ ନିର୍ଭୁଲ୍ ତାଲିକା କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାକୁ ଭାଜପା କୃଷକ ମୋର୍ଚ୍ଚା ଦାବି କରିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ବିପଦ ଭଞ୍ଜନ ଦାଶ, ମଣ୍ଡଳ ନଗର ସଭାପତି ରାଧେଶ୍ୟାମ ପରିଡ଼ା, ଜୟପୁର କୃଷକ ମୋର୍ଚ୍ଚା ସଭାପତି ରାମୁ ବେହେରା, ଦିଗାପୁର ମଣ୍ଡଳ ସଭାପତି ବଦ୍ରିନାରାୟଣ ଆଚାର୍ଯ୍ୟ, ନଳିନୀ ଦାଶ, ଶିବ ମାଝି, ସୁନୀଲ ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ତଦନ୍ତ କଲେ ଉପଜିଲାପାଳ

କୋରାପୁଟ,୬।୧୦(ଅମିତାଭ ବେହେରା)

**ରେଙ୍ଗା କନ୍ୟା ଆଶ୍ରମ ଉଚ୍ଚ ବିଦ୍ୟାଳୟରୁ ଚାଉଳ ଚୋରାଚାଲାଣ ଘଟଣା**

ରାଜ୍ୟ ସରକାର ପିଲାଙ୍କ ସ୍ୱାସ୍ଥ୍ୟର ବିକାଶ ଓ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। ବିଭିନ୍ନ ଯୋଜନା କରି ସେଗୁଡିକର କାର୍ଯ୍ୟକାରିତା ନେଇ ଗୁରୁତ୍ୱ ଦେଉଛନ୍ତି। ମାତ୍ର କେତେକ କ୍ଷେତ୍ରରେ ଏହି ଯୋଜନାଗୁଡିକ ଠିକ୍ ରୂପେ କାର୍ଯ୍ୟକାରୀ ହେଉନାହିଁ। ଏପରି ଦେଖିବାକୁ କୋରାପୁଟ ଜିଲା ସେମିଲିଗୁଡା ବ୍ଲକ ଅନ୍ତର୍ଗତ ରେଙ୍ଗା କନ୍ୟା ଆଶ୍ରମ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରୁ ନିକଟରେ ହୋଇଥିବା ଚାଉଳ ହଡପ ଘଟଣାର ତଦନ୍ତ ଉପଜିଲାପାଳ ଆରମ୍ଭ କରିଛନ୍ତି।

ଖବରରୁ ଜଣାପଡିଛି, ଏହି ବିଦ୍ୟାଳୟରେ ସୋମବାର ଅପରାହ୍ନ ୪ଟାରେ ବିଦ୍ୟାଳୟରୁ ଏକ ଅଟୋ ଯୋଗେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଲାଗି ରହିଥିବା ଚାଉଳକୁ ପ୍ରଧାନଶିକ୍ଷକ ବାହାରକୁ ଚୋରାଚାଲାଣ କରୁଥିବା ବେଳେ ଗ୍ରାମବାସୀ ଧରିଥିଲେ। ସେ ସମୟରେ ଚାଉଳ ନେଉଥିବା ବ୍ୟକ୍ତିମାନେ ଅଟୋରୁ ଚାଉଳ ବସ୍ତାଗୁଡ଼ିକୁ ଲୁଚେଇବା ପାଇଁ ନିକଟସ୍ଥ ବିଲରେ ଫିଙ୍ଗି ଦେଇଥିଲେ। ଅଟୋରେ ଚାଉଳ ଯାଉଥିବା ଦେଖି ଗ୍ରାମବାସୀ ଅଟୋକୁ ଅଟକାଇ ଚାଉଳ କୋଉଁଠି କି ଯାଉଛି ବୋଲି ପଚାରିଥିଲେ। ମାତ୍ର ଅଟୋ ଚାଳକ ଏହାର ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ସେ ଭୟରେ ଚାଉଳ ବସ୍ତାଗୁଡିକୁ ବିଲରେ ଫିଙ୍ଗି ଚାଲିଯାଇଥିଲେ। କିଛିଘଣ୍ଟା ପରେ ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକ ପହଞ୍ଚି ନିକଟସ୍ଥ ସୁବାଇ ଉଚ୍ଚ ବିଦ୍ୟାଳୟକୁ ଚାଉଳ ଧାର ସୂତ୍ରରେ ପ୍ରଦାନ କରାଯାଉଥିବା ସମ୍ପର୍କିତ କାଗଜପତ୍ର ଦେଖାଇଥିଲେ । ପରେ ଗ୍ରାମବାସୀ ବିଲରୁ ଚାଉଳ ବସ୍ତା ସବୁ ନିଜେ ଆଣି ରେଙ୍ଗା ବିଦ୍ୟାଳୟରେ ରଖିଥିଲେ। ପରେ ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡିଙ୍କୁ ଅବଗତ କରାଯାଇଥିଲା । ଏବେ ଏହାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି । ତେବେ ସୁବାଇ ଉଚ୍ଚ ବିଦ୍ୟାଳୟରେ କୌଣସି ଚାଉଳ ଆବଶ୍ୟକ ନ ଥିଲା କି ଆମ ବିଦ୍ୟାଳୟକୁ ରେଙ୍ଗା ଉଚ୍ଚ ବାଳିକା ଆଶ୍ରମ ବିଦ୍ୟାଳୟରୁ ଧାର ସୂତ୍ରରେ ଚାଉଳ ଆସୁ ନ ଥିବା ସୁବାଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଗୁରବାର ଅପରାହ୍ନରେ କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର ରେଙ୍ଗା ଉଚ୍ଚ ବାଳିକା ଆଶ୍ରମ ବିଦ୍ୟାଳୟ ଗସ୍ତ କରି ଏହାର ତଦନ୍ତ କରିଛନ୍ତି । ଏହି ବିଦ୍ୟାଳୟରେ ଠିକ ଠାକ କାର୍ଯ୍ୟ ହେଉନାହିଁ ବୋଲି ଉପ ଜିଲ୍ଲାପାଳ ଶବର କହିଛନ୍ତି । ସେ ଏ ନେଇ ସୁବାଇ ବିଦ୍ୟାଳୟ ଯାଇ ସ୍ଥିତି ଅନୁଧାନ କରିବେ, ଯିଏ ଏହି ଚାଉଳ ଚୋରା ଚାଲାଣରେ ସମ୍ପୃକ୍ତ ଥିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ ଶବର ସୂଚନା ଦେଇଛନ୍ତି।

୨ ମହାବିଦ୍ୟାଳୟକୁ ବିଡିଓଙ୍କ ଗସ୍ତ

## ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଲେ ସମସ୍ୟା

ପଟ୍ଟାଙ୍ଗି,୬।୧୦(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ସଦର ମହକୁମାରେ ଥିବା ଗାଙ୍ଗେଶ୍ୱରୀ ମହାବିଦ୍ୟାଳୟକୁ ଶୁକ୍ରବାର ବିଡ଼ିଓ ସୁକାନ୍ତ ପଟ୍ଟନାୟକ ଗସ୍ତ କରି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ପଚାରି ବୁଝିଛନ୍ତି। ସେ ଅଧ୍ୟକ୍ଷ ରାମକୃଷ୍ଣ ସାମଲଙ୍କ ସମେତ ଅଧ୍ୟାପିକାଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟରେ ପରିସ୍ରାଗାର ସୁବିଧା ନ ଥିବା ସହ କମନ୍‌ରୁମ୍, ପାନୀୟ ଜଳ ବ୍ୟବସ୍ଥା ନ ଥିବା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏଠାରୁ ସେ ଡିଗ୍ରୀ ମହାବିଦ୍ୟାଳୟକୁ ଯାଇ ଅଧ୍ୟକ୍ଷ ଜଗନ୍ନେଶ୍ୱର ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକଙ୍କ ଏକ ବୈଠକରେ ମହାବିଦ୍ୟାଳୟର କ'ଣ ସମସ୍ୟା ରହିଛି ପଚାରି ବୁଝିଥିଲେ। ବିଡ଼ିଓ ପଟ୍ଟନାୟକ ଯଥାଶୀଘ୍ର ଦୁଇ ମହାବିଦ୍ୟାଳୟରେ ରହିଥିବା ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଡିଗ୍ରୀ ବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଅମିଓ ସ୍ୱାଇଁ ଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ବିଡ଼ିଓ ପଟ୍ଟନାୟକଙ୍କ ଏହି ଗସ୍ତ ସମୟରେ ଇ.ଇ. ବିଶ୍ୱନାଥ ମାଦାଲି , କନିଷ୍ଠ ଯନ୍ତ୍ରୀ ଏସ. କୁଳଦୀପ ଉପସ୍ଥିତ ଥିଲେ।

## ୮୬ ପରିବାରକୁ ଗୋଟିଏ ନଳକୂପ



ଗୌଡ଼ସାହିରେ ଥିବା ନଳକୂପରୁ ଗ୍ରାମବାସୀ ବ୍ୟବହାର ପାଇଁ ପାଣି ନେଉଛନ୍ତି।

ଦଶମନ୍ତପୁର, ୬।୧୦(ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ମୋହୁଗାଁ ଗ୍ରାମର ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଗ୍ରାମରେ ଥିବା ହେଲା ୮୬ ପରିବାର ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି। ଗ୍ରାମରେ ଦୀର୍ଘ ବର୍ଷ ତଳେ ପ୍ରଶାସନ ପକ୍ଷରୁ ୩ଟି ନଳକୂପ ଖନନ କରାଯାଇଥିଲା। ମାତ୍ର ୨ଟି ନଳକୂପ ଅଚଳ ହୋଇ ପଡିଥିବା ଏବେ କେବଳ ଗୌଡ଼ସାହିରେ ଥିବା ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ଗତ କିଛି ଦିନ ତଳେ ଗ୍ରାମରେ ଝାଡ଼ଡାବାନ୍ତି ବ୍ୟାପିଥିଲା। ଏହି ସମୟରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପାର୍ଥସାରଥି ପଣ୍ଡା ଏବଂ ସ୍ୱାସ୍ଥ୍ୟ ଟିମ୍ ଗ୍ରାମରେ ଚିକିତ୍ସା ଯୋଗାଇଥିଲେ। ଏହି ସମୟରେ ଟିମ୍ ଗୌଡ଼ସାହିରେ ଥିବା ନଳକୂପ ଜଳ ବ୍ୟବହାର ନ କରିବାକୁ ଗ୍ରାମବାସୀଙ୍କୁ ବାରଣ କରିଥିଲେ। କାରଣ ନଳକୂପ ଚତୁଃପାର୍ଶ୍ୱରେ ଥିବା ଗର୍ତ୍ତ ଦେଇ ଏହା ଭିତରକୁ ବାହାର ଆବର୍ଜନା ପାଣି ପ୍ରବେଶ କରୁଛି। ଏହି ପାଣି ବ୍ୟବହାର କରିବା ଦ୍ୱାରା ଝାଡ଼ାବାନ୍ତି ଦେଖାଦେଉଛି ବୋଲି ସେ ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା ବୋଲି ଗ୍ରାମର ହରି ପୂଜାରୀ, ସୁଶାନ୍ତ ପୂଜାରୀ, ସହଦେବ ପୂଜାରୀ, ପ୍ରଦୀପ ପୂଜାରୀ, ପ୍ରତାପ ପୂଜାରୀ, ଚୁନା ଗୌଡ଼ ପ୍ରମୁଖ କହିଛନ୍ତି। ତେବେ କୌଣସି ଉପାୟ ନ ଥିବାରୁ ଆମେ ବାଧହୋଇ ଗ୍ରାମ ନିକଟରେ ଥିବା ରୋକାଲ ନଦୀ ପାଣି ଓ ଗୌଡ଼ସାହି ନଳକୂପ ପାଣି ବ୍ୟବହାର କରୁଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ତେବେ ତୁରନ୍ତ ଗ୍ରାମରେ ଏକ ନୂତନ ନଳକୂପ ଖନନ ସହ ଅଚଳ ନଳକୂପ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏସ୍.ଏ.କୁରେସିଙ୍କୁ ପଚାରିବାରୁ ସେ କହିଲେ, ପଞ୍ଚାୟତ ପକ୍ଷରୁ ନୂତନ ନଳକୂପ ଖନନ କରାଯାଇପାରିବ। ମାତ୍ର ଅଚଳ ଥିବା ନଳକୂପଗୁଡ଼ିକୁ ଖୁବ୍ ଶୀଘ୍ର ମରାମତି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ବାଲ୍ୟବିବାହମୁକ୍ତ ଗ୍ରାମ ନେଇ ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପଟ୍ଟାଙ୍ଗି,୬।୧୦(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନଠାରେ ବାଲ୍ୟବିବାହ ମୁକ୍ତ ଗ୍ରାମକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ଏବଂ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପ ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ ପ୍ରବୀଣ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ଅଧ୍ୟକ୍ଷ ପଟ୍ଟନାୟକ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ବାଲ୍ୟବିବାହ ରୋକିବା ନେଇ ଜଣେ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶୋଭାର ପ୍ରକଳ୍ପ ସଂଯୋଜକ ବିଜୟ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଶିଶୁର ୪ଟି ଅଧିକାର ଉପରେ ବୁଝାଇଥିଲେ। ସେମାନଙ୍କୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଦେଖାଇ ତା'ଉପରେ ପ୍ରଶ୍ନ ଉତ୍ତର ମାଧ୍ୟମରେ ବାଲ୍ୟବିବାହ ରୋକିବା ନେଇ ଅବଗତ କରାଇଥିଲେ। ନିଜ ଅଞ୍ଚଳ ବା ନିଜ ଗ୍ରାମରେ ଯଦି ବାଲ୍ୟବିବାହ ହେଉଥିବା ଜାଣିଲେ ତେବେ ସେମାନେ ତୁରନ୍ତ ୧୧୨ ଓ ୧୦୯୮ ନମ୍ବରକୁ ଫୋନକରି ଜଣାଇବାକୁ କହିଥିଲେ। ଏହି ଅବସରରେ ବାଲ୍ୟବିବାହ ରୋକିବା ପାଇଁ ଶପଥ ପାଠ କରାଯାଇଥିଲା। ତ୍ରିନାଥ ଗେମେଲ, ମଙ୍ଗଳା ହନ୍ତାଳ, ବିମଳା ପାଙ୍ଗୀ, ବୃନ୍ଦାବନ ପାଙ୍ଗୀ, ରାଜକୁମାର ଡଙ୍ଗରି, ସରକାରୀ ଶିଳ୍ପ ଅନୁଷ୍ଠାନର ଇନ୍‌ଷ୍ଟ୍ରକ୍ଟର ଦେବଦତ୍ତ ମହାପାତ୍ର , ମନୋଜ ସାହୁ ,ଶ୍ରବଣ ନାୟକ, ସାଲମା ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଦେବପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଟ୍ରେଡର ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପୋଲିସ କ୍ଲଷ୍ଟରର ୧୨ ବିଦ୍ୟାଳୟକୁ ନେଇ ସୁରଭି

**ପ୍ରଥମ ଥର ଅଂଶଗ୍ରହଣ କଲେ ଏକାଦଶ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର**

କୋରାପୁଟ, ୬।୧୦(ଅମିତାଭ ବେହେରା)

କୋରାପୁଟ ସଦର ମହକୁମାର ଏକ୍ସ-ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର ପୋଲିସ କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟକୁ ନେଇ ସୁରଭି-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ଦାସ, ରବିନ ମହାନନ୍ଦିଆ ଓ ଶ୍ରୀଧର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ଶ୍ରୀକାନ୍ତ ଜାନି ମୁଖ୍ୟ ଅତିଥି, ନନ୍ଦପୁର ବିଇଓ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ୧୭ଟି ଇଭେଣ୍ଟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ୮୭ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚଳିତଥର ସୁରଭିରେ ପ୍ରଥମ ଥର ପାଇଁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭିରେ ଭାଗନେବେ ବୋଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର କହିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।



ଜଣେ କୃତୀଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଲାଠିଧାରୀଙ୍କ ସହ ବିଧାୟକଙ୍କ ବୈଠକ

ଜୟପୁର, ୬।୧୦ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ସଲପା ଗ୍ରାମର ଭୈରବ ମନ୍ଦିରଠାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଦଶହରାରେ ସାମିଲ ହେଉଥିବା ଲାଠିଧାରୀ, ହାଟ ପାରିଆ, ଲାଠି ବାଇଦ, ମହୁରିଆମାନେ ଜୟପୁର ଦଶହରାରେ ସାମିଲ ହେଉଛନ୍ତି । ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ପ୍ରଶାସନ ବୁଝିଥାଏ। ସଲଲାଠାରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ତହସିଲଦାର ସାଗରିକା ଷଡ଼ଙ୍ଗୀ, ସେବାୟତ ମଧୁସୂଦନ ପୂଜାରୀଙ୍କ ସହ ୫ଟି ଗ୍ରାମର ଲାଠିଧାରୀ, ମହୁରିଆ, ହାଟ ପାରିଆମାନେ ଉପସ୍ଥିତ ଥିଲେ। ଦଶହରାର ଅଷ୍ଟମୀଠାରୁ ଏମାନେ ୩ ଦିନ ଧରି ଜୟପୁରର ଅଧିଷ୍ଠାତ୍ରୀ ମା' ଭଗବତୀ ଓ ଦକ୍ଷିଣକାଳିକାଙ୍କ ମନ୍ଦିରରେ ରହି ପରମ୍ପରା ତୁଲାଇଥାନ୍ତି । ସେମାନଙ୍କୁ ଏହି ସମୟରେ କିଛି ପ୍ରାପ୍ୟ ମିଳୁ ନ ଥିବା ବୈଠକରେ ପ୍ରକାଶ କରି ଦେବୋତ୍ତର ବିଭାଗ ପକ୍ଷରୁ କିଛି ପ୍ରାପ୍ୟ ଦେବାକୁ ଲାଠିଧାରୀମାନେ ଦାବି କରିଥିଲେ। ବୈଠକରେ ତେଲିଆ, ଧାରଣାହାଣ୍ଡି, ସଲପା, କଙ୍ଗା, ଜାମୁଣ୍ଡା ଗ୍ରାମର ଲାଠିଧାରୀମାନେ ଉପସ୍ଥିତ ଥିଲେ। ବିଧାୟକ ବାହିନୀପତି ସେମାନଙ୍ଗ ସହ ଆଲୋଚନାକରି ସେମାନଙ୍କ ପାଇଁ କିଛି ଆର୍ଥିକ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇ ସମସ୍ତେ ଆସି ଦଶହରାରେ ସାମିଲହେବାକୁ ଅନୁରୋଧ କରିଥିଲେ।

## ଥୁବା ନେତାଜୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

ନନ୍ଦପୁର, ୬।୧୦ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତ ସଦର ମହକୁମାସ୍ଥିତ ନେତାଜୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଶୁକ୍ରବାରଠାରୁ ନେତାଜୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ୧୫ ମ୍ୟାଚ୍ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ କୋରାପୁଟ ଜିଲାର ୧୬ଟି ଫୁଟ୍‌ବଲ ଟିମ୍ ଭାଗ ନେଇଛନ୍ତି। ସାମାଜିକ କର୍ମୀ ଶାମ୍ଭ ପାଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ପଟାଙ୍ଗି ଓ ଲେଙ୍ଗିଗୁଡ଼ା ମଧ୍ୟରେ ହୋଇଥିଲା। ଏଥିରେ ପଟାଙ୍ଗିକୁ ହରାଇ ଲେଙ୍ଗିଗୁଡା ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ପଟାଙ୍ଗି ଯୁବ କଂଗ୍ରେସ ସଭାପତି ଜଗଦିଶ ବାଗ, ଛାତ୍ର କଂଗ୍ରେସ ସଭାପତି ଡମ୍ବୁରୁ ଗୁଣ୍ଟା, ଶେଖ ଦାଉଦ୍, ଆନନ୍ଦ କୁଲଦୀପ, ସଞ୍ଜୀବ ଖରା ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ଥୁବା ଗ୍ରାମର ୱାଜିଦ ଖାନ, ଶେଖ ଅଲି, ଶେଖ ତାଜଉଦ୍ଦିନ ପରିଚାଳନା କରିଥିଲେ।



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ବାଲିଯାତ୍ରା ପାଇଁ ବୈପାରିଗୁଡ଼ା ଉତ୍ସବମୁଖର

ବୈପାରିଗୁଡା,୬।୧୦(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡା ଅଞ୍ଚଳର ପାରମ୍ପରିକ ପର୍ବ ବାଲିଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ଏଥିପାଇଁ ବୈପାରିଗୁଡା ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଗୁମା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ବୀରଖମ୍ବ ଠାକୁରାଣୀଙ୍କ ପ୍ରତୀକ ସ୍ୱରୂପ ଲାଠି ନାଚଗୀତ ଓ ପଟୁଆରରେ ଯାତ୍ରାକରି ପ୍ରତି ଘରେ ପୂଜା ପାଉଛନ୍ତି। ଆଦିବାସୀ ନାଚଗୀତ ସହ ନାଟକ ପ୍ରଦର୍ଶନ ଅଞ୍ଚଳବାସୀଙ୍କ ମନ ମୋହୁଛି।

ବାଲିଯାତ୍ରା ଉକ୍ତ ଅଞ୍ଚଳର ଏକ କୃଷିଭିତ୍ତିକ ପର୍ବ। ପାହାଡିଆ ଅଞ୍ଚଳ ଯୋଗୁ ଆଦିବାସୀମାନେ କେବଳ ବର୍ଷାକୁ ଭରସା କରି ଏକ ଫସଲି ଚାଷ କରନ୍ତି। ସ୍ୱଳ୍ପ ବୃଷ୍ଟି, ରୋଗପୋକ ଅଥବା ବନ୍ୟପ୍ରାଣୀଙ୍କ ଫସଲ ନଷ୍ଟ କରିବାର ଭୟ ଦୂର ପାଇଁ ସ୍ଥାନୀୟ ଲୋକେ ଅଞ୍ଚଳର ଇଷ୍ଟଦେବୀ ମା' ବୀରଖମ୍ବ ଠାକୁରାଣୀ ପୂଜାର୍ଚ୍ଚନା କରନ୍ତି। ଜମିରେ ଧାନ ଚାଷ କାର୍ଯ୍ୟ ଶେଷ ପରେ ଭାଦ୍ରବ ମାସରେ ଧାନଗଛ ଜମିରେ ପବନରେ ଲହରି ଭାଙ୍ଗୁଥିବା ବେଳେ ଅଞ୍ଚଳବାସୀ ଏହି ପର୍ବ ପାଳନ କରିଥାନ୍ତି।

ପ୍ରଥା ଅନୁସାରେ ଗଣେଶ ପୂଜାର ୯ମ ଦିନରେ ଏହି ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହଏ। କୁକୁଡାଗାଡ ନାଳରେ ପୂଜାର୍ଚ୍ଚନ କରାଯାଇ ବାଲି ସଂଗ୍ରହ ହୋଇ ସ୍ଥାନୀୟ ଦୁର୍ଗାମନ୍ଦିର ନିକଟରେ ଏକ ଅସ୍ଥାୟୀ କୁଡିଆରେ ସ୍ଥାପନ କରାଯାଏ। ଏହାକୁ ମଧ୍ୟ ବାଲି କୁଡିଆ କୁହାଯାଏ। ଚାଷୀମାନଙ୍କ ଘରୁ ବିଭିନ୍ନ ଶସ୍ୟ ବିହନ ସଂଗ୍ରହ କରାଯାଇ ବାଲିରେ ପୋତାଯିବା ସହ ୯ ଦିନ ଧରି ପୂଜା କରାଯାଏ। ହଳଦୀ ପାଣି ଛିଞ୍ଚାଯାଏ। ଅନ୍ତିମ ଦିନରେ ନିକଟସ୍ଥ ଗୁମ୍ମା ଗ୍ରାମର ପ୍ରତୀକ ଲାଠିକୁ ନାଚଗୀତ ଓ ପଟୁଆରରେ ବୋହି ଆଣି ରାତି ତମାମ ନଗର ପରିକ୍ରମା କରାଯାଏ। ପରେ ଲାଠିକୁ ବାଲିକୁଡିଆକୁ ନିଆଯାଏ। ସେଠାରେ ପୂଜାର୍ଚ୍ଚନା କରି ବାଲିଘର ଭଙ୍ଗାଯାଏ। ବାଲିରୁ ସଂଗୃହିତ ଅଙ୍କୁରିତ ବିହନକୁ ବାଲିଫୁଲ କୁହାଯାଏ। ଏହାକୁ ଶୁଭ ଭାବେ ବିବେଚନା କରି ଚାଷୀମାନେ ଚାଷ ଜମିରେ ପକାଇଥାନ୍ତି। କେହିକେହି ପରସ୍ପରକୁ ବାଲିଫୁଲ ପ୍ରଦାନ କରି ବାଲିଫୁଲ ସଂପର୍କରେ ଯୋଡି ହୋଇ ଦାମ୍ପତ୍ୟ ଜୀବନ ଆରମ୍ଭ କରଥାନ୍ତି।



ପୂଜା ପାଉଥିବା ପ୍ରତୀକ ଲାଠି।

## ସଂକ୍ଷେପରେ

### ବିଶ୍ୱ ହିନ୍ଦୁ ପରିଷଦର ଶୌର୍ଯ୍ୟ ଜାଗରଣ ରଥକୁ ସ୍ୱାଗତ




ଚନ୍ଦାହାଣ୍ଡି, ୬।୧୦ (ଦିଲୀପ ଦାସ )

ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତର ଶୌର୍ଯ୍ୟ ଜାଗରଣ ରଥ ଗତ ୨୮ ତାରିଖରୁ ବାହାରି ମଙ୍ଗଳବାର ସନ୍ଧ୍ୟାରେ ଚନ୍ଦାହାଣ୍ଡି ସହରରେ ପହଞ୍ଚିଥିଲା । ଚନ୍ଦାହାଣ୍ଡି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯକର୍ତ୍ତା ଉକ୍ତ ରଥକୁ ସ୍ୱାଗତ କରିବା ସହ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରିଥିଲେ। ରଥ ପ୍ରଥମେ ଦେଓବନ୍ଧରୁ ବାହାରି ଫଟକି, କୋଇଲିମୁଣ୍ଡା, ଅନକାବେଡ଼ା ଦେଇ ଚନ୍ଦାହାଣ୍ଡିରେ ପହଞ୍ଚିଥିଲା । ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଧର୍ମସଭାରେ ଶୌର୍ଯ୍ୟ ରଥଯାତ୍ରାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ନବରଙ୍ଗପୁର, ମାଲକାନଗିରି ସଂଘ ବିଭାଗ ପ୍ରଚାରକ ମହେଶ୍ୱର ଭତ୍ରା, ହିରଣ୍ୟ ଗୌଡ଼, ମହେନ୍ଦ୍ର ନାୟକ, ଭୋଦେବ ବାଘ, ଲଳିତ ପଟେଲ, ବାଳକୃଷ୍ଣ ମାଝି, ଲୋକେଶ ସମରଥ, ଶ୍ରୀକାନ୍ତ ରଥ, ତୁଳସୀ ପଟେଲ, ପରେଶ୍ୱର ମର୍କାମ, ଦେବାଶିଷ ପଟେଲ, ଦୁର୍ଗା ବାହିନୀର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ । ପରେ ରଥ ମାଲଗାଁ ଦେଇ ଧର୍ମଗଡ଼ ଯାଇଥିଲା ।

### ୧୦ ଟ୍ରାକ୍ଟରକୁ ଜରିମାନା ବେଆଇନ ବାଲି ଚାଲାଣ ଅଭିଯୋଗ

ପଡ଼ିଆ, ୬।୧୦(ଭାସ୍କର ରାଓ)

ପଟେରୁ ନଦୀରୁ ବେଆଇନ ଭାବେ ବାଲି ଉଠାଇଥିବା ୧୦ ଟ୍ରାକ୍ଟରକୁ କାଲିମେଲା ତହସିଲ ପକ୍ଷରୁ ଜବତ କରାଯାଇଛି। ଉକ୍ତ ଟ୍ରାକ୍ଟରଗୁଡ଼ିକରୁ ଜରିମାନା ଆଦାୟ କରାଯାଇଛି। ପଡିଆ ବ୍ଲକ ଗିରକାନ ପଲ୍ଲୀ ପଞ୍ଚାୟତ ତଥା କାଲିମେଲା



ତହସିଲ ଅଧୀନ ଏମ୍‌ଭି ୫୭ ଗ୍ରାମ ନିକଟ ପଟେରୁ ନଦୀରୁ ବେଆଇନ ଭାବେ ବାଲି ଉଠାଯାଉଥିବା ନେଇ ଖବର ମିଳିଥିଲା। କାଲିମେଲା ତହସିଲଦାର ଚଇନୁ ଗଣ୍ଡଙ୍କ ନିର୍ଦ୍ଦେଶକ୍ରମେ ସୁପର ଭାଇଜର ରାମକୃଷ୍ଣ ପଟ୍ଟନାୟକ, କାଲିମେଲା ରାଜସ୍ୱ ନିରୀକ୍ଷକ ବଜା ମାଡକାମୀ, କୋଇମେଟଲା ରାଜସ୍ୱ ନିରୀକ୍ଷକ ପ୍ରତିଭାମୟୀ ଭୂମିୟା, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଅନିମେଶ ସିଲ, ଅମିନ ମନମୋହନ ମାଝି ଏକ ଟିମ୍ ଗଠନ କରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ୧୦ ଟ୍ରାକ୍ଟର ଜବତ କରିବା ସହ ପ୍ରତ୍ୟେକ ଟ୍ରାକ୍ଟରରୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରିଥିଲେ।

# ଅବ୍ୟବସ୍ଥାରେ ଚାଲିଛି ପ୍ରକଳ୍ପ ଡାକ୍ତରଖାନା

ତେନ୍ତୁଳିଖୁଣ୍ଟି, ୬।୧୦(ଚିଦାନନ୍ଦ ସାହୁ)

- ମେଡ଼ିକାଲ ପାଇଁ ନାହିଁ ଆମ୍ବୁଲାନ୍ସ
- ନାହାନ୍ତି ସ୍ଥାୟୀ ସୁଇପର, ଆଟେଣ୍ଡାଣ୍ଟ

ଇଞ୍ଜିନିୟରିଂ କ୍ୟାଡର ପୁନର୍ଗଠନ ପରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାକୁ ଶ୍ରୀହୀନ କରି ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ସମେତ ଗୁଣ ନିୟନ୍ତ୍ରଣ କାର୍ଯ୍ୟାଳୟ ଇନ୍ଦ୍ରାବତୀରୁ ଉଠାଇ ନିଆଗଲା। କ୍ୟାଡ଼ର ପୁନର୍ଗଠନରେ ଉଠିଯିବା ପରେ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ସିଭିଲ ୱିଙ୍ଗ ଜଳ ସମ୍ପଦ ଅଧିନକୁ ଆସି ନାମ ପରିବର୍ତ୍ତିତ ହୋଇ ଇନ୍ଦ୍ରାବତୀ ଡ୍ୟାମ୍ ସର୍କଲ କରାଗଲା। ଏହି କାର୍ଯ୍ୟାଳୟ ଅଧୀନରେ ପୂର୍ବ ଭଳି ସମସ୍ତ ଅଫିସ, ପ୍ରକଳ୍ପ ମେଡିକାଲ ଓ ପ୍ରକଳ୍ପ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ରହିଛି। ବୈଷୟିକ କର୍ମଚାରୀ ଅଭାବ କିଛିଟା ପୂରଣ ହୋଇଛି। ପୂର୍ବଭଳି ପୋଡ଼ାଗଡ଼ ମୁରାନ ମେକାନିକାଲ ଡିଭିଜନ ତଥା ଅତିରିକ୍ତ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ଅଧିକାରୀଙ୍କ ପାଇଁ ଗାଡ଼ି ଭଡାରେ ଲାଗୁଥିଲା। କିନ୍ତୁ ଚଳିତ ଆର୍ଥିକ ବର୍ଷରୁ ଗାଡି ସଂଖ୍ୟା ବୃଦ୍ଧି ପାଇ ୮ରେ ପହଞ୍ଚିଛି। କିନ୍ତୁ ମେଡ଼ିକାଲ ପାଇଁ ଆମ୍ବୁଲାନ୍ସ ଭଡ଼ାରେ ଲଗାଇବା ଭୁଲିଗଲେ କର୍ତ୍ତୃପକ୍ଷ। ପ୍ରକଳ୍ପରେ କାର୍ଯ୍ୟ ପରିସର ବୃଦ୍ଧି ପାଇ ନ ଥିଲେ ବି ଗାଡି ବୃଦ୍ଧି କଲେ ମେଡ଼ିକାଲ କଥା ଭୁଲିଗଲେ। ପ୍ରତି କ୍ଷେତ୍ରରେ ମେଡ଼ିକାଲକୁ ଅବହେଳା କରାଯାଉଛି।

ପ୍ରକଳ୍ପ ମେଡ଼ିକାଲକୁ ସ୍ଥାଣୁକରି ପକାଇଦେଇଥିଲେ ପ୍ରକଳ୍ପ କର୍ତ୍ତୃପକ୍ଷ। ଗତ ବର୍ଷ ଇନ୍ଦ୍ରାବତୀ ନାଗରିକ ମଞ୍ଚ ଓ ସ୍ଥାନୀୟ ଖବରଦାତାମାନେ ମୁଖ୍ୟଯନ୍ତ୍ରୀ ଶତ୍ରୁଘ୍ନ ମହାରଣା ତଥା ତତ୍କାଳୀନ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ମାର୍ଚ୍ଚ ମାସରୁ ସ୍ଥିତିରେ ସୁଧାର ଆସିଯିବ, ମେଡ଼ିକାଲକୁ ଆମ୍ବୁଲାନ୍ସ ଯୋଗାଇବା ପ୍ରତିଶ୍ରୁତି ଦେଇଥିଲେ। ସୁଧାର ତ ଦୂରର କଥା ପ୍ରକଳ୍ପ ମେଡ଼ିକାଲ ପାଇଁ ଟଙ୍କାଟିଏ ପ୍ରବଧାନ କରୁଥିବା ଦେଖାଯାଉନାହିଁ। ୪ରୁ ୬ଜଣ ସୁଇପର ପୋଡ଼ାଗଡ଼ ବିଭାଗ ଅଧୀନକୁ କୁସୁମଖୁଣ୍ଟିରୁ ଆସିଛନ୍ତି। ସେମାନଙ୍କ କାର୍ଯ୍ୟ ପରିସର ନାହିଁ। ଅଥଚ ମେଡ଼ିକାଲରେ ଆବଶ୍ୟକତା ଥିଲେ ମଧ ସ୍ଥାୟୀଭାବେ ସୁଇପର ଯୋଗାଇ ଦିଆଯାଇନାହିଁ। ପ୍ରକଳ୍ପ ମେଡ଼ିକାଲର ଆମ୍ବୁଲାନ୍ସକୁ ୧୫ ବର୍ଷ ହୋଇଯାଇଥିବାରୁ ସ୍କ୍ରାପ୍ କରି ଦିଆଗଲା। ସେପଟେ ୧୦୮ ଆମ୍ବୁଲାନ୍ସ ପ୍ରକଳ୍ପ ମେଡ଼ିକାଲ ସହ ସଂଯୋଗ କରା ଯାଇ ନ ଥିବା ବେଳେ ମେଡ଼ିକାଲର ଗୁରୁତର ରୋଗୀ ତଥା ଏହି ଅଞ୍ଚଳବାସୀଙ୍କ ପାଇଁ ଆମ୍ବୁଲାନ୍ସ ସେବା ନାହିଁ। ତୁରନ୍ତ ପ୍ରକଳ୍ପ ମେଡ଼ିକାଲ ପାଇଁ ଆମ୍ବୁଲାନ୍ସ ପ୍ରକଳ୍ପ କର୍ତ୍ତୃପକ୍ଷ ଯୋଗାଇବା ସହ ମେଡ଼ିକାଲକୁ ଆବଶ୍ୟକ ସୁଇପର ଅଟେଣ୍ଡାଣ୍ଟ ଯୋଗାଇବାକୁ ନାଗରିକ ମଞ୍ଚ ଦାବି ରଖିଛି। ଡାକ୍ତରଖାନାକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା ଶେଷ ନ ହେଲେ ଦଶହରା ପରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଇନ୍ଦ୍ରାବତୀ ଡ୍ୟାମ୍ ସର୍କଲ କାର୍ଯ୍ୟାଳୟ ଆମ୍ବୁଲାନ୍ସ କି ସିସି କ୍ୟାମେରା ପାଇଁ କୌଣସି ପ୍ରସ୍ତାବ ନାହିଁ। ଏ ସମ୍ପର୍କରେ ଚର୍ଚ୍ଚା କରିନାହାନ୍ତି କି ପ୍ରାବଧାନ ରଖିନାହାନ୍ତି ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ସହକାରୀ ଶ୍ରୀନିବାସ ପାତ୍ର କହିଛନ୍ତି। ମୁଖ୍ୟଯନ୍ତ୍ରୀ ଶତ୍ରୁଘ୍ନ ମହାରଣାଙ୍କୁ ମେଡ଼ିକାଲ ପାଇଁ ପ୍ରକଳ୍ପ କ'ଣ କରିବା ଚିନ୍ତା କରୁଛି ପଚାରିବାରୁ ଆମ୍ବୁଲାନ୍ସ ପାଇଁ ସିଡିଏମ୍‌ଓଙ୍କ ସହ ଆଲୋଚନା ହୋଇଥିଲା। ସେ ବ୍ୟବସ୍ଥା କଲେ ଅର୍ଥ ପ୍ରାବଧାନ ପ୍ରକଳ୍ପ କରିଥାନ୍ତା। ସିସି କ୍ୟାମେରା ଆଦି ପାଇଁ ଯେଉଁ ଫଣ୍ଡରୁ କିଣିହେବ ସେହି ଫଣ୍ଡ ଆସିନାହିଁ। ସୁଇପର ଓ ଅଟେଣ୍ଡାଣ୍ଟ ପାଇଁ ଜିଲାପାଳଙ୍କ ସହ ନିଜେ ଆଲୋଚନା କରିବେ। ଖୁବ୍‌ଶୀଘ୍ର ମେଡ଼ିକାଲ ଓ ବିଦ୍ୟାଳୟ ହସ୍ତାନ୍ତର ହୋଇଯିବା ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

# ସାଇବର ସୁରକ୍ଷା ସଚେତନତା ରଥକୁ ସ୍ୱାଗତ



ପାପଡାହାଣ୍ଡି, ୬।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ପକ୍ଷରୁ ଗୁରୁବାର ସାଇବର ସୁରକ୍ଷା ଅଭିଯାନ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁରରୁ ଆସିଥିବା ସାଇବର ରଥକୁ ବସଷ୍ଟାଣ୍ଡ ଛକରେ ପୋଲିସ ଓ ଗ୍ରାମବାସୀ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ରଥକୁ ପରିକ୍ରମା କରାଇ ଦଳେଇଗୁଡ଼ା ବାଳିକା ମହାବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ହେମଲତା ମାଝି, ଉପାଧକ୍ଷ ସୁଶାନ୍ତ ବେହେରା, ତହସିଲଦାର ଯୋଗେଶ୍ୱର ଭୋଇ, ବିଡ଼ିଓ ଦିବାକର ବାଗ, ଏସ୍‌ଡିପିଓ ଆଦିତ୍ୟ ସେନ, ଥାନାଧିକାରୀ ଦୀପକ ଜେନା, ବାଳିକା ମହାବିଦ୍ୟାଳୟ ପ୍ରିନ୍ସିପାଲ ଶଷ୍ଟିଲତା ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ସାଇବର ଠକେଇ କ'ଣ, କିଭଳି ହୁଏ ଏବଂ କେମିତି ଏହି ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ସେଠାରୁ ରଥ ଦଳେଇଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲା। ସେଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ପରିଚାଳନା କରିଥିଲେ। ସଚେତନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ ନ କାର୍ଯ୍ୟକ୍ରମ କରାଯାଇଛି। ଶିକ୍ଷକ ମାଧବ ମଣ୍ଡଳ, ସୁଦାମ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଏସ୍‌ଆଇ ଶିବାଜୀ ପଣ୍ଡା, ଶିବପ୍ରସାଦ ଦଳେଇ, ଏଏସ୍‌ଆଇ ହରିହର ମାଝି, ଅଭି ପାଣିଗ୍ରାହୀ ଓ ପୋଲିସ ବିଭାଗ ସମସ୍ତ କର୍ମଚାରୀ, ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ବସଷ୍ଟାଣ୍ଡରେ ପ୍ରୋଜେକ୍ଟର ମାଧ୍ୟମରେ ସାଇବର ଠକେଇ ସମ୍ପର୍କରେ ସଚେତନ କରାଯାଇଛି।

# ନବରଙ୍ଗପୁର କଲେଜରେ ସ୍ୱତନ୍ତ୍ର ବିଦ୍ୟାର୍ଥୀ ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ନବରଙ୍ଗପୁର,୬।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା (ସିଏମ୍‌ଏସ୍‌ଏ) ମାଧ୍ୟମରେ କଲେଜଗୁଡ଼ିକର ରୂପାନ୍ତରୀକରଣ ବିଷୟକୁ ନେଇ ନବରଙ୍ଗପୁର ମହାବିଦ୍ୟାଳୟର ବିନୋଦ ଝା ପ୍ରେକ୍ଷାଳୟରେ ସ୍ୱତନ୍ତ୍ର ବିଦ୍ୟାର୍ଥୀ ସମ୍ମିଳନୀ କରାଯାଇଛି। ଏହି ସମ୍ମିଳନୀରେ ଜିଲାର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଆଦର୍ଶ ଶିକ୍ଷାନଷ୍ଠାନ କରିବା ପାଇଁ ୫-ଟି ମାଧ୍ୟମରେ ଓଡ଼ିଶା ସରକାର ନେଇଥିବା ପଦକ୍ଷେପ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଛି।

କଲେଜ ଅଧକ୍ଷ ଡ. ଭାସ୍କରନାଥ ବିଶ୍ୱାଳ ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାର ଯୋଗାଇଦେଇଥିବା ବିଭିନ୍ନ ଅନୁଦାନ ସମ୍ପର୍କରେ ସୂଚନା ଦେଇ କୃତଜ୍ଞତା ଜଣାଇଥିଲେ। ଜିଲା ପୂର୍ତ୍ତ ବିଭାଗର ସହକାରୀ ମୁଖ୍ୟଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର ମହାବିଦ୍ୟାଳୟରେ ତିଆରି ଚାଲିଥିବା ବାଳକ ବାଳିକା ସାଧାରଣ ପ୍ରକୋଷ୍ଠ, ସ୍ମାର୍ଟ ଶ୍ରେଣୀ ଗୃହ ଇ-ଲାଇବ୍ରେରି କାର୍ଯ୍ୟ ୧ ମାସ ମଧରେ ସରିବ ବୋଲି ନିଶ୍ଚିତ କରିଥିଲେ। ଏହାର ଯତ୍ନ ନେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ନବରଙ୍ଗପୁର ବିଡିଓ ଶିବ ପ୍ରସାଦ ପଟ୍ଟନାୟକ ମହାବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ବିଶେଷ ସହାୟତାରେ ମଞ୍ଜୁର ହୋଇଥିବା ୧ କୋଟି ୨୫ ଲକ୍ଷ ଅନୁଦାନ ରାଶି ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆବଶ୍ୟକ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ସରକାର ଅବଗତ ଅଛନ୍ତି ଏବଂ ଏହା ଶୀଘ୍ର ପୂରଣ କରାଯିବ ବୋଲି ପୂର୍ତ୍ତ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୋଫାନ କୁମାର ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକାରୀ ଅଧିକାରୀ ଡ. ଜାହାଙ୍ଗୀର ମହମ୍ମଦ ମହାବିଦ୍ୟାଳୟ ପରିସରକୁ ସ୍ୱଚ୍ଛ ଏବଂ ସବୁଜ କରିବା ପାଇଁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କରାଯାଇଥିବା ମେଗା ଚାରାରୋପଣ ଓ ସଫେଇ କାର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଦିଲୀପ ହୋତା ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ଜିଲା ବିଜେଡି ସଭାପତିଙ୍କ ସ୍ମୃତିରେ ଶୋକସଭା

ମାଲକାନଗିରି,୬।୧୦(ଦୁର୍ଯୋଧନ ପାତ୍ର)

ମାଲକାନଗିରି ଜିଲାର ପୂର୍ବତନ ଜିଲା ବିଜୁ ଜନତା ଦଳର ସଭାପତି ତଥା ବରିଷ୍ଠ ଆଇନଜୀବି ଶଙ୍କର ପଟ୍ଟନାୟକଙ୍କ ସ୍ମୃତିରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଛି। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ କ୍ରିକେଟ ଆସୋସିଏଶନ କାର୍ଯାଳୟରେ ଶୋକସଭାର ଆୟୋଜନ କରଯାଇଥିଲା । ପପୁ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡିର ଆଇନ ସାମୁଖ୍ୟ ସଭାପତି ଗୋପାଳ କୃଷ୍ଣ ପଣ୍ଡା, ହୃଦାନନ୍ଦ ସାହୁ, ପ୍ରକାଶ ପଟ୍ଟନାୟକ, ରଞ୍ଜନ ନାୟକ, ମୁନା ପଟ୍ଟନାୟକ, ବାବୁଲା ସାହୁ ପ୍ରମୁଖଙ୍କ ସହ ବହୁ ବୁଦ୍ଧିଜୀବୀ, ଦଳୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ସ୍ୱର୍ଗତ ଶଙ୍କର ପଟ୍ଟନାୟକଙ୍କ ତୈଳ ଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ନୀରବ ପ୍ରାର୍ଥନା କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତ ପଟ୍ଟନାୟକ ଜଣେ ଦକ୍ଷ ଓ ନେତୃତ୍ୱ ନେଇ କାର୍ଯ୍ୟ କରୁଥିବା ବ୍ୟକ୍ତି ଥିଲେ । ତାଙ୍କ ସମୟରେ ଜିଲା ବିଜୁ ଜନତା ଦଳକୁ ସେ ସଙ୍ଗଠିତ କରିବାରେ ସଫଳ ହୋଇଥିଲେ । ଏହାସହ ସେ ଜଣେ ଉତ୍ତମ ଆଇନଜୀବୀ ମଧ ଥିଲେ । ପରୋପକାର ଓ ଜନ ସେବା ତାଙ୍କର ମୂଳ ଲକ୍ଷ୍ୟ ଥିଲା ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ରଖିଥିଲେ ।

# ଗୋପବନ୍ଧୁ ଛକରେ ବସୁଥିବା ଦୋକାନୀଙ୍କୁ ହଟାଇଲା ପୌର ପ୍ରଶାସନ



ପୌର କର୍ମଚାରୀମାନେ ଦୋକାନ ଉଚ୍ଛେଦ କରୁଛନ୍ତି ।

ଉମରକୋଟ, ୬।୧୦
(ସନ୍ତୋଷ ଶତପଥୀ)

ପୌର ପ୍ରଶାସନ ଡିଏନ୍‌କେସ୍ଥିତ ଗୋପବନ୍ଧୁ ଛକରେ ବସୁଥିବା ପରିବା ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଏହି ବ୍ୟବସାୟୀମାନେ ଡଙ୍ଗରିଗୁଡ଼ା ପାହାଡ଼ କଡ଼ ରାସ୍ତାରେ ବସିଥିବା ଦେଖିବାକୁ ମିଳିଛି। ତେବେ ତୁରନ୍ତ ପରିବା ଦୋକାନୀଙ୍କ ବସିବା ପାଇଁ ସୁବିଧା କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ରଷି ମାଝି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଡିଏନ୍‌କେରେ ପରିବା, ମାଛ ବ୍ୟବସାୟୀମାନେ ବସିବା ପାଇଁ ପୌର ପରିଷଦ ପକ୍ଷରୁ ପିଣ୍ଡି ନିର୍ମାଣ କରାଯାଇଛି। କିନ୍ତୁ କେତେଜଣ ପରିବା ଦୋକାନୀ ସେଠାରେ ନ ବସି ଡିଏନ୍‌କେ ଛକରେ ଥିବା ରାଜସ୍ୱ ବଙ୍ଗଳା ସମ୍ମୁଖରେ ବସୁଥିଲେ। ଫଳରେ ସେହି ସ୍ଥାନରେ ଟ୍ରାଫିକ ସମସ୍ୟା ରହୁଥିଲା। ପରିବା ପାଇଁ ଆସୁଥିବା ଗ୍ରାହକମାନେ ବାଇକଗୁଡ଼ିକ ରାସ୍ତା ଉପରେ ମନଇଚ୍ଛା ରଖି ଦେଇ ପରିବା କିଣିବାରେ ବ୍ୟସ୍ତ ରହୁଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତରେ ବାଧା ହେଉଥିଲା। ଏହି ରାସ୍ତା ଦେଇ ୨ଟି ସ୍କୁଲ ରହି ଥିବାରୁ ସ୍କୁଲ ପିଲାମାନେ ଓ ସ୍କୁଲ ବସ୍ ଯିବା ଆସିବା ମଧ ବହୁତ ଅସୁବିଧା ହେଉଥିଲା। ଏହିସବୁ ସମସ୍ୟା ଯୋଗୁ ବିଭିନ୍ନ ଲୋକଙ୍କଠାରୁ ଅଭିଯୋଗ ହୋଇଥିଲା। ଏଥିସହ ନବରଙ୍ଗପୁର ଜିଲାପାଳ ଏବଂ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ପୌର ପ୍ରଶାସନ ପରିବା ଦୋକାନୀଗୁଡ଼ିକକୁ ଉଠାଇବା ପାଇଁ ବାଧ ହେଲେ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି। ପୌର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ପୌର କର୍ମଚାରୀମାନେ ସମସ୍ତ ଦୋକାନକୁ ଉଚ୍ଛେଦ କରିବା ସହ ପୋତାଯାଇଥିବା ଖୁଣ୍ଟି ଉପାଡ଼ି ଦେଇଛନ୍ତ।

# ମିଳୁନି ପ୍ରଧାନମନ୍ତ୍ରୀ ଆବାସର ଦ୍ୱିତୀୟ କିସ୍ତି

ତେନ୍ତୁଳିଖୁଣ୍ଟି, ୬।୧୦(ଚିଦାନନ୍ଦ ସାହୁ)

**ଅଧା ଘର ତିଆରି କରି ଚିନ୍ତାରେ ହିତାଧିକାରୀ**

ଦୀର୍ଘ ବର୍ଷ ପରେ ଲୋକଙ୍କୁ ମିଳିଲା ଆବାସ କାର୍ଯ୍ୟାଦେଶ। କାର୍ଯ୍ୟାଦେଶ ପାଇବା ପରେ ଲୋକେ ପ୍ରଥମ କିସ୍ତି ଟଙ୍କା ଉଠାଇ ଘର କାମ ଆରମ୍ଭ କରିଥିଲେ। କିନ୍ତୁ ଏବେ ଦ୍ୱିତୀୟ କିସ୍ତି ଟଙ୍କା ଆସିବାରେ ବିଳମ୍ବ ହେଉଛି। ତେଣୁ ଘର କାମ ଆଗେଇ ପାରୁନାହିଁ ବୋଲି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ୧୫ ପଞ୍ଚାୟତରେ ୩ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ)କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେମାନଙ୍କ ଗୃହ ନିର୍ମାଣ ବାବଦକୁ ପ୍ରଥମ କିସ୍ତି ମିଳିଛି। ଅଳ୍ପ କେତେଜଣଙ୍କ କାଗଜପତ୍ରରେ ତ୍ରୁଟିଥିବାରୁ ସେମାନଙ୍କୁ ପ୍ରଥମ କିସ୍ତି ବାବଦକୁ ୪୦ହଜାର ଟଙ୍କା ମିଳିପାରିନାହିଁ। ପ୍ରଥମ କିସ୍ତି ପାଇଥିବା ହିତାଧିକାରୀ ଘର ତିଆରି ଆରମ୍ଭ କଲେଣି । ଛାତ ଲେବେଲ ପରେ ସେଟରିଂଗ କରିକି ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେଲାଣି। କିନ୍ତୁ ସେମାନଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ମିଳିନାହିଁ। ଫଳରେ ଛାତ ପକାଇ ପାରୁନାହାଁନ୍ତି ବୋଲି ଲକଡୀ ପଲ୍ଲା ଗ୍ରାମର ଧନେଇ ମାଝି ଅଭିଯୋଗ କରିଛନ୍ତି।

କାମ ଠିକ୍ ସମୟରେ ସାରିଲେ ସରକାର ଘୋଷଣା କରିଥିବା ବୋନସ ମିଳିବ। ତେଣୁ ଘର ନିର୍ମାଣରେ ବ୍ୟବହୃତ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଇଥିଲେ ମଧ ହିତାଧିକାରୀ ଋଣ କରି ଘର କାମ କରୁଛନ୍ତି। କିନ୍ତୁ ଆବାସର ଦ୍ୱିତୀୟ କିସ୍ତି ୬୫ ହଜାର ଟଙ୍କା ଆସିବାରେ ବିଳମ୍ବ ହେଉଛି। ଯାହାକି ହିତାଧିକାରୀଙ୍କୁ ଚିନ୍ତାରେ ପକାଇଛି। କେତେକ ହିତାଧିକାରୀ ତାଙ୍କ ପୁରୁଣା ଘରକୁ ଭାଙ୍ଗି ଘର ତିଆରି କରୁଛନ୍ତି ତ କାହାର ପଲିଥିନ ଛପର ଘର। ଘର ନ ଥିବାରୁ କେହି କେହି ତ ଅନ୍ୟ କାହା ବାରଣ୍ଡାରେ ରହୁଛନ୍ତି। ଟଙ୍କା ମିଳୁ ନ ଥିବାରୁ ସେମାନେ ଏବେ ଚିନ୍ତାରେ। ଏ ନେଇ ବ୍ଲକର ବିପିସି ଉମା ମହେଶ୍ୱରୀଙ୍କୁ ପଚାରିବାରୁ ଡଙ୍ଗଲ ସମସ୍ୟା ହେତୁ ହିତାଧିକାରୀଙ୍କ ଟଙ୍କା ଡିପୋଜିଟ ହୋଇ ପାରୁ ନାହିଁ। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି।

# ସଂକଳ୍ପ ସପ୍ତାହ ଅବସରରେ କୃଷି ମହୋତ୍ସବ

ଡାବୁଗାଁ, ୬।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ସଂକଳ୍ପ ସପ୍ତାହ ପାଳନ ଅବସରରେ ନବରଙ୍ଗପୁର ଜିଲା ଡାବୁଗାଁ କୃଷି ବିଭାଗ ପକ୍ଷରୁ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ କୃଷି ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗର ବିଭିନ୍ନ ସରକରୀ ଯୋଜନା ଉପରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଯୋଜନାଗୁଡିକ ମଧରେ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଯନ୍ତ୍ରପାତିରେ ସରକାରୀ ରିହାତି ବ୍ୟବସ୍ଥା, ଧାନ ଫସଲରେ ରୋଗପୋକ ପରିଚାଳନା, ଓଡ଼ିଶା ମିଲେଟ ମିଶନ ତଥା ବିକ୍ରିବଟା, କାଳିଆ ଯୋଜନା, ନାନୋ ୟୁରିଆ ଓ ଡିଏପି ତଥା ଅନ୍ୟ ଜୈବିକ ସାରର ପ୍ରୟୋଗ ଉପରେ କୃଷି ଅଧିକାରୀମାନେ ଚାଷୀଙ୍କୁ ବୁଝାଇଥିଲେ। କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନା ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, କୃଷି ଅଧିଦର୍ଶକ ଭୀମସେନ ନାୟକ, ନୀଳକଣ୍ଠ ପରିଡ଼ା, କିଶୋର ଚନ୍ଦ୍ର ନାୟକ, ମମତା ସାହୁ, ସୁଶାନ୍ତ ରାଉତ, ସହକାରୀ ବୈଷୟିକ ପରିଚାଳକ କେ. ଉଦୟା କୁମାରୀ, ସମସ୍ତ କୃଷକ ସାଥୀ ଓ ଚାଷୀମାନେ ଯୋଗଦେଇଥିଲେ।




କୃଷି ଅଧିକାରୀଙ୍କ ସହ ଉପସ୍ଥିତ ଚାଷୀମାନେ।

# କଅଁଳ କାନ୍ଧରେ ୨ ଭାଇଙ୍କ ବୋଝ

ନବରଙ୍ଗପୁର, ୬।୧୦(ସଦାଶିବ ପ୍ରହରାଜ)

**ପରଲୋକରେ ବାପା, ହାତ ଛାଡ଼ିଦେଲା ମାଆ**

୬ ବର୍ଷ ତଳେ ବାପାଙ୍କର ଅକାଳରେ ପରଲୋକ ହୋଇଗଲା। ମା'ଙ୍କ ଉପରେ ଥିଲା ୩ ପିଲାଙ୍କ ବୋଝ। କିଛିଦିନ ତଳେ ମା' ଅନ୍ୟତ୍ର ବିବାହକରି ପିଲାମାନଙ୍କୁ ଛାଡି ପଳାଇଛନ୍ତି। ୩ ଅନାଥ ଶିଶୁ ଏକାକୀ କାଟୁଛନ୍ତି ଜୀବନ। ୨ ସାନଭାଇଙ୍କ ପାଇଁ ୧୪ ବର୍ଷୀୟା ସୁମିତ୍ରା ଅନିଚ୍ଛା ସତ୍ତ୍ୱେ ପାଠରେ ଡୋରି ବାନ୍ଧିଛନ୍ତି। କୋମଳମତି ଦୁଇ ଭାଇଙ୍କ ବୋଝ ତାଙ୍କ କାନ୍ଧରେ। ପାଖ ପଡୋଶୀ ଯାହା ଦେଲେ ସେଥିରେ ପେଟ ପୂରୁଛି, ନ ହେଲେ ଉପବାସରେ ଶୋଇବାକୁ ବାଧ ହେଉଛନ୍ତି ସେମାନେ। ଏପରି ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ ଅଧୀନ ଚରାମୂଳା ଗ୍ରାମରେ।

ପାପଡ଼ାହାଣ୍ଡି ବ୍ଲକ ଚରାମୂଳା ଗ୍ରାମର ସୁମିତ୍ରା ପୂଜାରୀ(୧୪)। ଯେଉଁ ବୟସରେ ଖେଳକୁଦ, ପାଠପଢ଼ାରେ ଜୀବନ ଅତିବାହିତ କରିବା କଥା ସେହି ବୟସରେ ଜୀବନ ଜଞ୍ଜାଳରେ



ସୁମିତ୍ରା ତାଙ୍କ ୨ ଭାଇଙ୍କୁ ପଢ଼ାଉଛନ୍ତି।

ଛନ୍ଦିହୋଇ ନିଜର ୨ ସାନ ଭାଇ ହେମନ୍ତ ଓ ୟୁବରାଜଙ୍କୁ ସମ୍ଭାଳୁଛନ୍ତି। ସେମାନଙ୍କୁ ସମ୍ଭାଳିବାକୁ ବାଧ ହୋଇ ପାଠପଢ଼ା ବନ୍ଦ କରିଦେଇଛନ୍ତି ସୁମିତ୍ରା। ସାନ ୨ଭାଇଙ୍କ ଗାଧୋଇବାଠୁ ଆରମ୍ଭକରି ଖୁଆଇବା ପର୍ଯ୍ୟନ୍ତ ସମସ୍ତ କାମ କରୁଛନ୍ତି। ପୂର୍ବପୁରୁଷଙ୍କ କୌଣସି ସ୍ଥାବର ଅସ୍ଥାବର ସମ୍ପତ୍ତି ନାହିଁ କି କିଛି ସରକାରୀ ସୁବିଧା ମିଳୁନାହିଁ। ତେଣୁ ୨ ଭାଇଙ୍କ ଖାଇବା ପିଇବା ଚିନ୍ତା ତାଙ୍କୁ ସବୁବେଳେ ଘାରୁଛି। ପାଖ ପଡୋଶୀଙ୍କ ସହାନୁଭୂତିରେ ଚାଲୁଛି ୩ଜଣଙ୍କ ଜୀବନ। ମା' ଓ ବାପା ମୂଲ ମଜୁରି ଲାଗି ୩ଜଣଙ୍କ ଭବିଷ୍ୟତ ଗଢ଼ିବାକୁ ଅଣ୍ଟା ଭିଡିଥିଲେ। କିନ୍ତୁ ପ୍ରାୟ ୬ ବର୍ଷ ତଳେ ବାପା ମେଘ ପୂଜାରୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ୩ ପିଲାଙ୍କ ଦାୟିତ୍ୱ ମା' ପଦ୍ମିନୀଙ୍କ ଉପରେ ଥିଲା। କିଛିଦିନ ତଳେ ମା' ମଧ ଅନ୍ୟତ୍ର ବିବାହ କରି ପଳାଇଛନ୍ତି ବୋଲି ସୁମିତ୍ରା କହିଛନ୍ତି। ଭଲ ପାଠ ପଢୁଥିବା ସତ୍ତ୍ୱେ ୨ ଭାଇଙ୍କ ପେଟ ଭରିବାକୁ ଶ୍ରମିକ ଭାବେ କାମ କରିବାକୁ ବାଧ ହେଉଛନ୍ତି ବୋଲି ସେ କହିଛନ୍ତି। ପ୍ରଶାସନ ଏହି ୩ ଅନାଥ ପିଲାଙ୍କ ଥଇଥାନ ଓ ପଢ଼ା ବ୍ୟବସ୍ଥା କରିବାକୁ ପଡ଼ୋଶୀ ଡାଳିମ୍ବ ସୌରା, ଲକ୍ଷ୍ମଣ ମାଝି, ଫାଲ୍‌ଗୁନୀ ମାଝି ନିବେଦନ କହିଛନ୍ତି। ଘଟଣା ସମ୍ପର୍କରେ ଜାଣି ମୈଦଲପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଖାଡ଼େଶ୍ୱର ପାତ୍ର ସେମାନଙ୍କ ଘରକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଓ ଓ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଜଣାଇ ସରକାରଙ୍କ ପକ୍ଷରୁ ଯେଉଁ ସୁବିଧା ମିଳିପାରିବ ତାହା ଯୋଗାଇବା ବନ୍ଦୋବସ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

